ବର୍ଷ-୨୬, ସଂଖ୍ୟା-୨୦୮
ଭୁବନେଶ୍ୱର
ଅଗଷ୍ଟ ୦୩, ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 208
Bhubaneswar
August, 03 2026, Monday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ଗୋଟିଏ ଦିନରେ ୧୬ ପଦକ ଜିତି ଇତିହାସ ରଚିଲା ଭାରତ

# ଓଡ଼ିଶାରେ ନିଶାମୁକ୍ତ ଯୁବ-ବିକଶିତ ଭାରତ ସଂକଳ୍ପ ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର, ୨।୮ (ମହାଭାରତ): 'ନିଶାମୁକ୍ତ ଯୁବ – ବିକଶିତ ଭାରତ ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ ଅବସରରେ ଓଡ଼ିଶାକୁ ଏକ ସମ୍ପୂର୍ଣ୍ଣ ନିଶାମୁକ୍ତ ରାଜ୍ୟ ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ଦୃଢ଼ ସଂକଳ୍ପ ଗ୍ରହଣ କରିଛନ୍ତି।

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଠାରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ 'ମାଇଁ ଭାରତ' ଦ୍ୱାରା ପରିଚାଳିତ, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସମ୍ବୋଧିତ ଏହି ଜାତୀୟ କାର୍ଯ୍ୟକ୍ରମକୁ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କ୍ରୀଡା ଓ ଯୁବବ୍ୟାପାର ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଆଭାସୀ ମାଧ୍ୟମରେ ଦେଖିଥିଲେ। ରାଜ୍ୟପାଳ ଡଃ କମ୍ଭମପାଟି ଉପସ୍ଥିତ ସମସ୍ତଙ୍କୁ ନିଶାମୁକ୍ତ ଯୁବ – ବିକଶିତ ଭାରତ ସଂକଳ୍ପ ଅଭିଯାନ'ର ଶପଥପାଠ କରାଇଥିଲେ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଯୁବପିଢ଼ିକୁ ରାଷ୍ଟ୍ର ନିର୍ମାଣର ପ୍ରମୁଖ କର୍ଣ୍ଣଧାର ଭାବେ ଅଭିହିତ କରି ନିଶାମୁକ୍ତ ସମାଜ ଗଠନ ପାଇଁ କଳିଙ୍ଗ ଷ୍ଟାଡିୟମରୁ ଏକ ଓଜସ୍ୱୀ ଆହ୍ୱାନ ଦେଇଛନ୍ତି। ରାଜ୍ୟପାଳ କ୍ରୀଡ଼ା, ଫିଟନେସ୍, ଯୋଗ, ସଂସ୍କାର ଓ ସମାଜସେବାକୁ ନିଶାଶକ୍ତର ଶ୍ରେଷ୍ଠ ବିକଳ୍ପ ଭାବେ ବାଛିନେବାକୁ ଯୁବବର୍ଗଙ୍କୁ ପରାମର୍ଶ ଦେଇଛନ୍ତି। ଓଡ଼ିଶା ଆଜି ଦେଶର ଏକ ପ୍ରମୁଖ କ୍ରୀଡ଼ା ଆବୋଡ୍ ଭାବେ ଉଭା ହୋଇଥିବା ବେଳେ ଯୁବପିଢ଼ି ନିଶା ପରିବର୍ତ୍ତେ ଖେଳପଡ଼ିଆ ଓ କ୍ଲାସରୁମ୍‌କୁ ଆପଣେଇ ନିଜର ପ୍ରତିଭା ପ୍ରଦର୍ଶନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। କେବଳ ସରକାରଙ୍କ ଉଦ୍ୟମ ଦ୍ୱାରା ନିଶାମୁକ୍ତ ସମାଜ ସମ୍ଭବ ନୁହେଁ; ପିତାମାତା, ଶିକ୍ଷକ, ସାମାଜିକ ଅନୁଷ୍ଠାନ ଓ ବିଶେଷ କରି ଯୁବପିଢ଼ି ନିଜେ ଏହି ଆନ୍ଦୋଳନର ବାର୍ତ୍ତାବହ ହୋଇ ବାହାରିଲେ ହିଁ ଏହା ଏକ ଯୁଗାନ୍ତକାରୀ 'ଜନ-ଆନ୍ଦୋଳନ'ରେ ପରିଣତ ହୋଇପାରିବ ବୋଲି ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି। ଯୁବବର୍ଗଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି ଯେ, ଏହି ଅଭିଯାନ କୌଣସି ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ, ବରଂ ଆଗାମୀ ୧୦୦ ସପ୍ତାହ ଅର୍ଥାତ ଦୁଇ ବର୍ଷ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଚାଲିବାକୁ ଥିବା ଏକ ବ୍ୟାପକ ସାମାଜିକ ଜନ-ଆନ୍ଦୋଳନ।




ସୂଚନା ଯୋଗ୍ୟଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭାସୀ ଉପସ୍ଥିତିରେ ଦେଶର ୧୦,୦୦୦ ରୁ ଅଧିକ ସ୍ଥାନରେ ୧ କୋଟିରୁ ଊର୍ଦ୍ଧ୍ୱ ଯୁବକଯୁବତୀ ଏକତ୍ରିତ ହୋଇ ଏକ ସୁସ୍ଥ, ଶୃଙ୍ଖଳିତ, ସଂସ୍କାରପୂର୍ଣ୍ଣ ଓ ନିଶାମୁକ୍ତ ଭାରତ ଗଠନ ପାଇଁ ଦୃଢ଼ ସଂକଳ୍ପ ଗ୍ରହଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ପ୍ରଶଂସା କରି କହିଥିଲେ ଯେ, ୨୦୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ 'ଏରଭ ତ' ପିଢ଼ି ଓ ଯୁବଶକ୍ତି ହିଁ ପ୍ରମୁଖ ବିଶ୍ୱକର୍ମା। ନିଶା ଆଜି କେବଳ ସ୍ୱାସ୍ଥ୍ୟଗତ ସମସ୍ୟା ହୋଇ ରହିନାହିଁ, ବରଂ ଏହା ମାନସିକ ଓ ଶାରୀରିକ ସାମର୍ଥ୍ୟ ହ୍ରାସ କରିବା ସହ ପରିବାରର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଉଛି ଏବଂ ରାଜ୍ୟର ସାମାଜିକ ଓ ଆର୍ଥିକ ବିକାଶରେ ବଡ଼ ପ୍ରତିବନ୍ଧକ ସାଜୁଛି।

ରାଜ୍ୟରେ ନିଶାଦ୍ରବ୍ୟର ବେଆଇନ୍ କାରବାର ଓ ସିଣ୍ଡିକେଟ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ନଷ୍ଟ କରିବା ପାଇଁ ଓଡ଼ିଶା ସରକାର 'ଶୂନ୍ୟ ସହନଶୀଳତା' ନୀତି ଆପଣାଇଛନ୍ତି। ଓଡ଼ିଶା ପୋଲିସର କଠୋର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ତଥ୍ୟ ଦେଇ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ଯେ, ଜୁଲାଇ ୨୦୨୪ ରୁ ଜୁନ୍ ୨୦୨୬ ମଧ୍ୟରେ ପୋଲିସ ପ୍ରାୟ ୧,୯୧୧ କୋଟି ଟଙ୍କା ମୂଲ୍ୟର ୬୩,୭୨୦ ଏକର ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରିଛି। ଏହାସହ ୨,୫୭୬ ଟି ମାମଲା ରୁଜୁ କରାଯାଇ ୩,୬୯୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ୨,୧୦୬ କୋଟି ଟଙ୍କାର ୪୩୨ ଟନ୍ ଗଞ୍ଜେଇ ଜବତ କରାଯାଇଛି। କେବଳ ଆଇନଗତ କାର୍ଯ୍ୟାନୁଷ୍ଠାନ ନୁହେଁ, ବରଂ ନିଶାପୀଡ଼ିତଙ୍କ ପୁନରୁଦ୍ଧାର ଓ ପୁନର୍ବାସ ପାଇଁ ଚିକିତ୍ସା କେନ୍ଦ୍ରଗୁଡ଼ିକୁ ମଧ୍ୟ ସୁଦୃଢ଼ କରାଯାଉଛି। କୌଣସି ବି ଅଞ୍ଚଳରେ ସନ୍ଦେହଜନକ ନିଶା କାରବାର ନଜରକୁ ଆସିଲେ ତୁରନ୍ତ ପୋଲିସକୁ ସୂଚନା ଦେବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ସମ୍ପ୍ରତି ଯୁବ ସମାଜ ବ୍ରାଉନ୍ ସୁଗାର, କୋକେନ୍, ସିନ୍‌ଥେଟିକ୍ ଓ ଇଞ୍ଜେକ୍ଟିଙ୍ଗ୍ ଡ୍ରଗ୍ସ ଭଳି ମାରାତ୍ମକ ନିଶା ଆଡ଼କୁ ଜାଣିଶୁଣି ବା ସଙ୍ଗଦୋଷରୁ ଆକୃଷ୍ଟ ହେବା ନେଇ ମୁଖ୍ୟମନ୍ତ୍ରୀ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସରକାର ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରୁଛନ୍ତି, ଯାହାର ପରିଣାମସ୍ୱରୂପ ଭୁବନେଶ୍ୱରରୁ ସିନ୍‌ଥେଟିକ୍ ଡ୍ରଗ୍ସ ଜବତ କରାଯିବା ସହ ବାଲେଶ୍ୱରରେ ଡ୍ରଗ୍ସ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଡ୍ରଗ୍ସ ମାଫିଆଙ୍କୁ ସ୍ପଷ୍ଟ ଚେତାବନୀ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯୁବସମାଜକୁ ନିଶା ବିଷ ଦେବାରୁ ନିବୃତ୍ତ ନ ରହିଲେ ବୁଲଡୋଜର ଆକ୍ସନ୍ ଭଳି ଅତ୍ୟନ୍ତ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ରୁହନ୍ତୁ। ଜୀବନ ଅତ୍ୟନ୍ତ ମୂଲ୍ୟବାନ୍ ହୋଇଥିବାରୁ ସମସ୍ତ ଯୁବସାଥୀ 'ସେ ନୋ ଟୁ ଡ୍ରଗ୍‌ସ' ଶପଥ ନେଇ ନିଜକୁ ଏହି ନର୍କରୁ ଦୂରେଇ ରଖିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

ପରିଶେଷରେ ମୁଖ୍ୟମନ୍ତ୍ରୀ ସମସ୍ତ ଶିକ୍ଷାନୁଷ୍ଠାନ, ଯୁବ ସଂଗଠନ, ଏଏସଏସ୍, ମାଇ ଭାରତ ସ୍ୱେଚ୍ଛାସେବୀ, ଶିକ୍ଷାନୁଷ୍ଠାନ, ବେସରକାରୀ ସଂଗଠନ ଓ ଗଣମାଧ୍ୟମକୁ ଏକଜୁଟ ହୋଇ 'ନିଶାକୁ ନା ଏବଂ ଜୀବନ ଓ ପ୍ରଗତିକୁ ହଁ' ନାରା ସହ ଏହି ଜନ-ଆନ୍ଦୋଳନକୁ ସଫଳ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ ନିଜ ଅଭିଭାଷଣରେ ଯୁବଶକ୍ତିର ସାମର୍ଥ୍ୟ ଓ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟର ବିଦ୍ୟାଳୟ, ମହାବିଦ୍ୟାଳୟ, ଗଣ ଈଷବକ୍ବବଷ୍ଣ ଯୁବ କ୍ଲବ, ଘଝଝ ଓ କ୍ରୀଡ଼ା ହଷ୍ଟେଲଗୁଡ଼ିକର ଛାତ୍ରଛାତ୍ରୀମାନେ ହିଁ ଏହି ନିଶାମୁକ୍ତି ଆନ୍ଦୋଳନର ପ୍ରମୁଖ ନାୟକ।

ଏହି ଐତିହାସିକ ଅଭିଯାନକୁ ସମଗ୍ର ଓଡ଼ିଶାରେ ଅପୂର୍ବ ପ୍ରତିକ୍ରିୟା ମିଳିଛି। ରାଜ୍ୟର ୪୫୩ଟି ନିର୍ଦ୍ଦିଷ୍ଟ କେନ୍ଦ୍ରରେ ଏହାର ସିଧାପ୍ରସାରଣ କରାଯାଇଥିବା ବେଳେ ୧.୬ ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକ ଓ ଯୁବପିଢ଼ି ଏକତ୍ରିତ ହୋଇ ଏହି ମହତ୍ ଆନ୍ଦୋଳନରେ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କ୍ରୀଡା ବିଭାଗ ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ଯେଦୁଲ୍ଲା ବିଜୟ ଧନ୍ୟବାଦ ଦେଇଥିଲେ।

## କ୍ଷମା ଦେଇ ଝିଅକୁ ନୂଆ ଜୀବନ ଦେଲେ ମୋଦୀ

ନୂଆଦିଲ୍ଲୀ, ୨।୮ (ମହାଭାରତ): ଦିଲ୍ଲୀର ଜନ୍ତରମନ୍ତରଠାରେ ନିଟ୍-ଯୁଜି ପ୍ରଶ୍ନପତ୍ର ପ୍ରଘଟ ବିରୋଧରେ ହୋଇଥିବା ଛାତ୍ର ଆନ୍ଦୋଳନ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି ଅଶାଳୀନ ଶବ୍ଦ ବ୍ୟବହାର କରିଥିବା ନାବାଳିକାଙ୍କୁ ମୋଦୀ କ୍ଷମା କରିଦେଇଛନ୍ତି। ଏଥିପାଇଁ ଝିଅର ମା' ହାତଯୋଡ଼ି ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ସେ ତାଙ୍କ ଝିଅକୁ ନୂଆ ଜୀବନ ଦେଇଛନ୍ତି ବୋଲି କହିଛନ୍ତି। ରବିବାର ଝିଅର ଜନ୍ମଦିନ ଥିବାରୁ ମା' କହିଛନ୍ତି, ଏପରି ଅଶ୍ଳୀଳ ଶବ୍ଦ କହିଥିବା ପିଲାକୁ କ୍ଷମା କରି ମୋଦୀ ନିଜର ମହାନତା ଦେଖାଇଛନ୍ତି। ଜନ୍ମଦିନରେ ପ୍ରଧାନମନ୍ତ୍ରୀ ତାଙ୍କୁ ସବୁଠାରୁ ବଡ଼ ଉପହାର ଭାବେ 'ଜୀବନଦାନ' ଦେଇଛନ୍ତି। ଆଜି ତାଙ୍କ ଝିଅର ପୁନର୍ଜନ୍ମ ହୋଇଛି। ଜୁଲାଇ ୨୩ରେ କକ୍‌ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ଜନ୍ତରମନ୍ତରଠାରେ ହୋଇଥିବା ଆନ୍ଦୋଳନ ସମୟରେ ଝିଅଟି ମୋଦୀଙ୍କ ବିରୋଧରେ ଅଶାଳୀନ ସ୍ଲୋଗାନ୍ ଦେଇଥିବା ଭିଡିଓ ପ୍ରସାରିତ ହୋଇଥିଲା। ଏହାପରେ ଶୁକ୍ରବାର ମୋଦୀ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଭିଡିଓ ଛାଡ଼ି ତାଙ୍କୁ ଗାଳି ଦେଇଥିବା ଛାତ୍ରଛାତ୍ରୀଙ୍କୁ 'ଦିଗହରା ପିଲା' ବୋଲି କହିଥିଲେ। କ୍ରୋଧ କିମ୍ବା ପ୍ରତିଶୋଧ ଏହାର ଉତ୍ତର ନୁହେଁ ଏବଂ ସେମାନଙ୍କୁ ଦଣ୍ଡ ନ ଦେଇ ଠିକ୍ ମାର୍ଗ ଦେଖାଇବା ଉଚିତ ବୋଲି ସେ ମତ ଦେଇଥିଲେ। ପରେ ୧୫ ବର୍ଷୀୟା ଝିଅଟି ଏକ ଭିଡିଓରେ କ୍ଷମା ମାଗିଥିଲେ। ସାଙ୍ଗମାନଙ୍କ ସହ କନଟ୍ ପ୍ଲେସ୍ ଯାଇଥିବାବେଳେ ସେ ଆନ୍ଦୋଳନସ୍ଥଳକୁ ଯାଇଥିଲେ। ସେଠାରେ ଅନ୍ୟମାନଙ୍କ ପ୍ରଭାବରେ ପଡ଼ି ଏପରି ସ୍ଲୋଗାନ୍ ଦେଇଥିବା କହିବା ସହ ଏହା ତାଙ୍କ ଜୀବନର ପ୍ରଥମ ଓ ଶେଷ ଭୁଲ୍ ବୋଲି ସେ କହିଥିଲେ। ତେବେ ଏହି ଘଟଣାକୁ ନେଇ ନୋଏଡା ଥାନାରେ ପୂର୍ବରୁ ଏକ ଜିରୋ ଏଫ୍‌ଆଇଆର୍ ରୁଜୁ ହୋଇସାରିଛି। ପରେ ମାମଲାଟି ନୂଆଦିଲ୍ଲୀର ପାର୍ଲାମେଣ୍ଟ୍ଷ୍ଟ୍ରିଟ୍ ଥାନାକୁ ପଠାଯାଇଛି। ଅଭିଯୋଗକାରୀଙ୍କ ମତରେ ଏପରି ମନ୍ତବ୍ୟ ପ୍ରଧାନମନ୍ତ୍ରୀ ପଦର ମର୍ଯ୍ୟାଦା କ୍ଷୁଣ୍ଣ କରିବା ସହ ସାମାଜିକ ସଦ୍‌ଭାବ ଓ ଶାନ୍ତିବିଗାଡ଼ିପାରେ।

## କେନ୍ଦ୍ରରୁ ମିଳିଲା ୫୦୦ କୋଟିର ଅଗ୍ରୀମ ସହାୟତା

ଭୁବନେଶ୍ୱର, ୨।୮ (ମହାଭାରତ): ରାଜ୍ୟରେ ବନ୍ୟା ପରିସ୍ଥିତି କ୍ରମଶଃ ସୁଧୁରିବାରେ ଲାଗିଛି। ତଥାପି ସମଗ୍ର ମୌସୁମୀ ମାସ ଓଡ଼ିଶା ପାଇଁ ବିପଦପୂର୍ଣ୍ଣ ହୋଇଥିବାରୁ ସତର୍କ ରହିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପରାମର୍ଶ ଦେଇଛନ୍ତି। ଆଗାମୀ ଦିନର ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ବର୍ତ୍ତମାନଠାରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବା ସେ ସୂଚନା ଦେଇଛନ୍ତି।

ବନ୍ୟା ପ୍ରକୋପରେ ରାଜ୍ୟର ମୋଟ ୨୩ଟି ଜିଲ୍ଲା ପ୍ରଭାବିତ ହୋଇଛି। ଉତ୍ତର ଓଡ଼ିଶାର ଭଦ୍ରକ, ବାଲେଶ୍ୱର ଏବଂ ଯାଜପୁର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ, ମହାନଦୀର ଜଳ ନିଷ୍କାସନ ଯୋଗୁଁ ପୁରୀ, ଖୋର୍ଦ୍ଧା, ଜଗତସିଂହପୁର ଏବଂ କଟକ ଜିଲ୍ଲା ମଧ୍ୟ ପ୍ରଭାବିତ ହୋଇଛି। ବନ୍ୟା ଯଗୁଁ ବ୍ୟାପକ ଚାଷ ଜମି ଏବଂ ପନିପରିବା ନଷ୍ଟ ହେବା ସହିତ ଅନେକ ଘରଦ୍ୱାର ଭାଙ୍ଗିଯାଇଛି ଏବଂ କୃଷି ଓ ରାଜସ୍ୱ ବିଭାଗ ମିଳିତ ଭାବେ ଏହାର ଆକଳନ କାମ ଆରମ୍ଭ କରିଛନ୍ତି।

ଏଭଳି ଜଟିଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରାଜ୍ୟକୁ ୫୦୦



କୋଟି ଟଙ୍କାର ଅଗ୍ରୀମ ସହାୟତା ପ୍ରଦାନ କରିଛନ୍ତି। କ୍ଷୟକ୍ଷତି ଆକଳନକୁ ଅତି ସମ୍ବେଦନଶୀଳ ଓ ମାନବୀୟ ଦୃଷ୍ଟିକୋଣରୁ ବିଚାର କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ପାଣି ଛାଡ଼ିବାର ୭୨ ଘଣ୍ଟା ଭିତରେ ରାଜସ୍ୱ ଅଧିକାରୀମାନେ ଗାଁକୁ ଗାଁ ଯାଇ ରିପୋର୍ଟ ପ୍ରସ୍ତୁତ କରିବେ। ଜଳବାହିତ ରୋଗରୁ ରକ୍ଷା ପାଇବା ପାଇଁ ବୋରୱେଲ, ବନ୍ଧ ଏବଂ କୂଅ ସମେତ ସମସ୍ତ ଜଳ ଉତ୍ସଗୁଡ଼ିକୁ ବିଶୋଧନ କରାଯାଉଛି ଏବଂ ସାପ କାମୁଡ଼ା ଇଞ୍ଜେକ୍ସନ ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି। ବନ୍ୟାରେ କେବଳ ଘରଡ଼ିଆ କିମ୍ବା ଫସଲ ନୁହେଁ, ବରଂ ଶକ୍ତି ବିଭାଗ ସମେତ ଅନେକ ସରକାରୀ ବିଭାଗ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ତୁରନ୍ତ କ୍ଷୟକ୍ଷତି ଆକଳନ ସହିତ ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ସ୍କୁଲଗୁଡ଼ିକର କ୍ଷତିଗ୍ରସ୍ତ ରିପୋର୍ଟ ମଗାଯାଇଛି ଏବଂ ଏଥିପାଇଁ ସ୍ୱତନ୍ତ୍ର ଅନୁଦାନ ଯୋଗାଇଦିଆଯିବ। ଜଳ ସମ୍ପଦ ବିଭାଗ ପକ୍ଷରୁ ଭଙ୍ଗା ଘାଇଗୁଡ଼ିକୁ ମରାମତି କରାଯିବା ସହ ଭବିଷ୍ୟତରେ ଏଭଳି ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଦୃଢ଼ ଭିତ୍ତିଭୂମି ବ୍ୟବସ୍ଥା କରିବାକୁ କୁହାଯାଇଛି। ଗତ ଶନିବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ସମସ୍ତ ସ୍ଥିତି ସମ୍ପର୍କରେ ମନ୍ତ୍ରୀମାନଙ୍କୁ ଅବଗତ କରାଯାଇଛି ଏବଂ ସମସ୍ତ ଦାୟିତ୍ୱପ୍ରାପ୍ତ ମନ୍ତ୍ରୀମାନେ ନିଜ ନିଜ ପ୍ରଭାବିତ ଜିଲ୍ଲା ପରିଦର୍ଶନ କରି କ୍ଷତିର ସମୀକ୍ଷା କରିବେ। ଭବିଷ୍ୟତରେ ବନ୍ୟାର ପ୍ରକୋପକୁ ହ୍ରାସ କରିବା ପାଇଁ ସମସ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନକୁ ଏକ ସ୍ୱତନ୍ତ୍ର ଡିଜାଇନ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ବୟାନବାଜି ନ କରି ପ୍ରକୃତ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ ଗଣମାଧ୍ୟମର ଭୂମିକାକୁ ପ୍ରଶଂସା କରିଛନ୍ତି।

## ଆଜିଠୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ତିନି ଦିନିଆ ଓଡିଶା ଗସ୍ତ

ଭୁବନେଶ୍ୱର, ୨।୮ (ମହାଭାରତ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୦୨୬ ଅଗଷ୍ଟ ୩ ତାରିଖ ଠାରୁ ତିନିଦିନିଆ ଓଡ଼ିଶା ଗସ୍ତ କରୁଛନ୍ତି। ସେ ଅଗଷ୍ଟ ୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବେ।



ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଅଗଷ୍ଟ ୩ (ସୋମବାର) କଟକରେ ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ କରିବେ। ସେ ଅଗଷ୍ଟ ୪ ତାରିଖରେ ଭୁବନେଶ୍ୱରରୁ ବ୍ରହ୍ମପୁର ପର୍ଯ୍ୟନ୍ତ ଟ୍ରେନ୍‌ରେ ଯାତ୍ରା କରିବେ। ଗଂଜାମ ଜିଲ୍ଲାର ପ୍ରସିଦ୍ଧ ତୀର୍ଥସ୍ଥଳୀ ତପ୍ତପାଣିରେ ମା' କନ୍ଧୁଣୀ ଦେବୀ ମନ୍ଦିର ଓ ଶିବ ମନ୍ଦିର ଦର୍ଶନ କରିବେ। ସେଠାରେ ସେ ଆଳତୀ କରିବେ। ଓଡିଶା ଗସ୍ତ ଶେଷ କରି ରାଷ୍ଟ୍ରପତି ଅଗଷ୍ଟ ୫ରେ ଫେରିଯିବେ।

## ମହାନଦୀରେ ଟଳିଲା ବନ୍ୟା ଆଶଙ୍କା



ଭୁବନେଶ୍ୱର, ୨।୮ (ମହାଭାରତ): ଆଉ ବନ୍ୟା ଆଶଙ୍କା ନାହିଁ। ମହାନଦୀ ସହ ଅନ୍ୟ ନଦୀ ମାନଙ୍କରେ ବନ୍ୟା ଆଶଙ୍କା ଟଳିଛି । ସ୍ଥିତି ସମୀକ୍ଷା କରି କହିଛନ୍ତି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ । ଏହା ସହିତ କେଉଁ କାରଣ ପାଇଁ ପରିସ୍ଥିତି ହୋଇଥିଲା ସ୍ପଷ୍ଟ କରିଛନ୍ତି ଇଆଇସି । ବନ୍ୟା ସ୍ଥିତିକୁ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି,'' ଜୁନରେ ୪୭ ପ୍ରତିଶତ କମ୍ ବର୍ଷା ହୋଥିଲା। ଜୁଲାଇରେ କିନ୍ତୁ ସ୍ୱାଭାବିକଠାରୁ ୩୮ ପ୍ରତିଶତ ଅଧିକ ବର୍ଷା ହୋଇଛି। କିଛି ସ୍ଥାନରେ କମ୍ ସମୟ ମଧ୍ୟରେ ୨ଶହ ମିମି ବର୍ଷା ହୋଇଥିଲା। ଯେଉଁଥି ପାଇଁ ବନ୍ୟା ହେଲା ବୋଲି ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି । ମହାନଦୀରେ ବନ୍ୟା ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା ରହିଛି । ବୈତରଣୀରେ କିନ୍ତୁ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ନାହିଁ ।''

ବନ୍ୟା ସ୍ଥିତିକୁ ନେଇ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି, ''ବର୍ତ୍ତମାନ ଆମର ଅଧିକ ଫୋକସ ମହାନଦୀ ଏବଂ ହୀରାକୁଦ ଉପରେ ରହିଛି । ତଳମୁଣ୍ଡରୁ ବନ୍ୟାଜଳ ନିସ୍କାସନ ହେବା ପରେ ଯେଉଁ ବନ୍ୟାଜଳ ଆମେ ପାଇଥିଲେ, ତେଲ୍ ଏବଂ ହୀରାକୁଦ ଏବଂ ମୁଣ୍ଡଲୀ ଭିତରେ ଯେଉଁ ବର୍ଷା ହୋଇଥିଲା ତାହା କମିବା ପରେ ଆମେ ହୀରାକୁଦରୁ ପାଣି ଛାଡିବା ଆରମ୍ଭ କରିଥିଲୁ। ୨୨ଟି ଗେଟ୍ ଖୋଲା ଯାଇଥିଲା। ଆଜି ୧୨ଟା ସୁଦ୍ଧା ହୀରାକୁଦ ୱାଟର ଲେଭୁଲ୍ କମିଛି। ବର୍ତ୍ତମାନ ତାହା ୬୨୩.୬୯ ଫୁଟରେ ଅଛି । ଏହା ଧୀରେ ଧୀରେ କମୁଛି। ଆକଳନ ସୁଦ୍ଧା ୪ତାରିଖ ଭିତରେ ଏହାକୁ ଆମେ ୬୧୫ ଫୁଟ୍ କମାଇବୁ । ଏହେ ହୀରାକୁଦ ଜଣଭଣ୍ଡାରକୁ ୨ ଲକ୍ଷ ୧୨ ହଜାର କ୍ୟୁସେକ୍ ଜଳ ପ୍ରବେଶ କରୁଛି । ୩ ଲକ୍ଷ ୮୩ ହଜାର କ୍ୟୁସେକ୍ ଜଳ ଡ୍ୟାମରୁ ନିସ୍କାସିତ ହେଉଛି । ଯେତିକି ଜଳ ଆମେ ପାଉଛେ ଜଳଭଣ୍ଡାର ଭିତରକୁ ତାର ଦେଢଗୁଣା ଜଳ ଆମେ ନିସ୍କାସିତ କରୁଛୁ । ତେଣୁ ହୀରାକୁଦ ଜଳ ଧୀରେ ଧୀରେ କମୁଛି ।''

ମହାନଦୀ ବନ୍ୟା ଆଶଙ୍କା ଟଳିଛି । ଜଳସ୍ତର ଦ୍ରୁତ ଗତିରେ ଖସୁଛି । ଗତକାଲି ସନ୍ଧ୍ୟା ୬ଟାବେଳେ ମୁଣ୍ଡୁଳିରେ ୫.୫୯ ଲକ୍ଷ ଘନଫୁଟ (କ୍ୟୁସେକ) ପାଣି ଚାଲିଥିଲା । ଖଇରମାଳରେ ୫.୩୪ ଲକ୍ଷ ଘନଫୁଟ ଓ ବରମୂଳରେ ୪.୭୨ ଲକ୍ଷ ଘନଫୁଟ ପାଣି ପ୍ରବାହିତ ହେଉଥିଲା । ହୀରାକୁଦ ଆଉ ଅଧିକ ଗେଟ୍ ଖୋଲିନି । ସେଇ ୨୨ଟି ଗେଟ ଦେଇ ପାଣି ଛଡାଯାଉଛି । ଜଳଭଣ୍ଡାରକୁ ଉପରମୁଣ୍ଡରୁ ପ୍ରବେଶ କରୁଥିବା ପାଣି ପ୍ରବାହ ବି କମିଛି । ଗତକାଲି ସକାଳ ୬ଟାରେ ୪ ଲକ୍ଷ ୧୫ ଘନଫୁଟ ପାଣି ପ୍ରବେଶ କରୁଥିଲା । କ୍ରମଶଃ ଏହା କମିବାରେ ଲାଗିଛି । ସନ୍ଧ୍ୟା ୬ଟାରେ ପ୍ରବେଶ କରୁଥିଲା ୨ ଲକ୍ଷ ୮୪ ହଜାର ଘନଫୁଟ ପାଣି । ୨୨ଟି ଗେଟ ଦେଇ ହୀରାକୁଦରୁ ୩ ଲକ୍ଷ ୮୬ ହଜାର ୪୨୧ ଘନଫୁଟ ପାଣି ଛଡାଯାଉଛି । ଗତକାଲି ହୀରାକୁଦ ଜଳସ୍ତର ୬୨୫.୨୧ ଫୁଟ ଥିଲା ।

## ପୁଲିସ ପୋଷାକରେ ଜନ୍ତରମନ୍ତରରେ ପଶିଥାନ୍ତା ସନ୍ଦିଗ୍ଧ ଆତଙ୍କବାଦୀ

କୋଲକାତା, ୨।୮ (ମହାଭାରତ): ଦିଲ୍ଲୀର ଜନ୍ତରମନ୍ତରଠାରେ ହୋଇଥିବା କକ୍‌ରୋଚ୍ ଜନତା ପାର୍ଟି (ସିଜେପି)ର ଛାତ୍ର ଆନ୍ଦୋଳନରେ ପୁଲିସ ପୋଷାକରେ ପ୍ରବେଶ କରି ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ପାକିସ୍ତାନରୁ ଷଡ଼୍‌ଯନ୍ତ୍ର କରାଯାଇଥିଲା। ପଶ୍ଚିମବଙ୍ଗରୁ ଗିରଫ ହୋଇଥିବା ସନ୍ଦିଗ୍ଧ ଆତଙ୍କବାଦୀ ହମିମ୍ ମଣ୍ଡଳକୁ ତା'ର ପାକିସ୍ତାନୀ ପରିଚାଳକମାନେ ଏହି କାମ ଦେଇଥିଲେ ବୋଲି ପଶ୍ଚିମବଙ୍ଗ ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ରବିବାର କହିଛି।

ପାକିସ୍ତାନଭିତ୍ତିକ ଆତଙ୍କବାଦୀ ସଂଗଠନ ଜୈସ୍-ଏ-ମହମ୍ମଦ ସହ ସମ୍ପର୍କ ଥିବା ସନ୍ଦେହରେ ହମିମ୍‌କୁ ଶୁକ୍ରବାର ପୂର୍ବ ବର୍ଦ୍ଧମାନ ଜିଲ୍ଲାରୁ ଗିରଫ କରାଯାଇଥିଲା। ଏସ୍‌ଟିଏଫ୍ ମହାନିରୀକ୍ଷକ ଗୌରବ ଶର୍ମା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ହମିମ୍‌କୁ ପୁଲିସ ପୋଷାକ କିଣି ଦିଲ୍ଲୀର ଜନ୍ତରମନ୍ତରଠାରେ ଚାଲିଥିବା ଛାତ୍ର ଆନ୍ଦୋଳନରେ ଅନୁପ୍ରବେଶ କରିବାକୁ କୁହାଯାଇଥିଲା। ସେଠାରେ ବିଶୃଙ୍ଖଳା ଓ ଅଶାନ୍ତି ସୃଷ୍ଟି କରିବା ତା'ର ଉଦ୍ଦେଶ୍ୟ ଥିଲା ବୋଲି ଏସ୍‌ଟିଏଫ୍ ଦାବି କରିଛି। ଏହାଛଡା ହମିମ୍‌କୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଗତିବିଧି ଉପରେ ନଜର ରଖିବା ଏବଂ ସେ କେଉଁ ସ୍ଥାନରେ ସୁରକ୍ଷା ବିନା ରହୁଛନ୍ତି, ସେ ସମ୍ପର୍କରେ ସୂଚନା ସଂଗ୍ରହ କରିବାକୁ କୁହାଯାଇଥିଲା। ମୁଖ୍ୟମନ୍ତ୍ରୀ ତାଙ୍କର ଅନ୍ୟତମ ନିଶାଣ ଥିଲେ ବୋଲି ଗୌରବ କହିଛନ୍ତି। ଜେରା ବେଳେ ପଶ୍ଚିମବଙ୍ଗରେ ଜୈସ୍-ଏ-ମହମ୍ମଦର ଅନେକ ପରିଚାଳକଙ୍କ ସହ ହମିମ୍‌ର ସମ୍ପର୍କ ଥିବା ଜଣାପଡିଛି। ଅଦାଲତ ତାକୁ ୧୪ ଦିନ ପାଇଁ ଏସ୍‌ଟିଏଫ୍ ହେପାଜତକୁ ପଠାଇଛନ୍ତି। ହମିମ୍‌ର ବାନ୍ଧବୀ ଅର୍ପିତା ସରକାରକୁ ମଧ୍ୟ ଶୁକ୍ରବାର ଝାଡଖଣ୍ଡର ସାହିବଗଞ୍ଜରୁ ଗିରଫ କରାଯାଇଛି। ଉଭୟେ ରାଜ୍ୟମନ୍ତ୍ରୀ ଉମେଶ ରାୟଙ୍କ ପୁଅଙ୍କୁ ପ୍ରେମଜାଲରେ ଫସାଇ ଅପହରଣ କରିବା ଏବଂ ତାଙ୍କ ପରିବାରଠାରୁ ଅର୍ଥ ଆଦାୟ ପାଇଁ ଷଡ଼୍‌ଯନ୍ତ୍ର କରୁଥିଲେ ବୋଲି ପୁଲିସ ଅଭିଯୋଗ କରିଛି। ଅର୍ପିତା ଅନେକ ପ୍ରମୁଖ ବ୍ୟକ୍ତି ଓ ରାଜନେତାଙ୍କୁ ପ୍ରେମଜାଲରେ ଫସାଇ ସେମାନଙ୍କ ସମ୍ପର୍କରେ ସୂଚନା ହମିମ୍‌କୁ ଦେଉଥିଲା ବୋଲି ଏସ୍‌ଟିଏଫ୍ କହିଛି। ଅର୍ପିତାର ହ୍ୱାଟ୍‌ସଆପ୍ ବାର୍ତ୍ତାରୁ ପାକିସ୍ତାନ ସହ ସମ୍ପର୍କର ସୂଚନା ମିଳିଥିଲା। ତା' ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ଯାଞ୍ଚ କରିବା ପରେ ଏସ୍‌ଟିଏଫ୍ ହମିମ୍ ପାଖରେ ପହଞ୍ଚିଥିଲା। ଦୁହେଁ ଇନ୍‌ଷ୍ଟାଗ୍ରାମ୍‌ରେ ପ୍ରଥମେ ପରିଚିତ ହୋଇଥିଲେ ଏବଂ ଚାରିବର୍ଷ ହେଲା ସମ୍ପର୍କରେ ଥିଲେ।

## ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ, ବୃଦ୍ଧି ପାଇବ ମହାନଦୀ ଜଳସ୍ତର

କଟକ, ୨।୮ (ମହାଭାରତ): ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଆଜି ୩ ଟା ଗେଟ୍ ବନ୍ଦ ହୋଇଛି। ଏବେ ୧୯ ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି। ବର୍ତ୍ତମାନ ହୀରାକୁଦର ଜଳସ୍ତର ୬୨୪ ଫୁଟ୍‌ରେ ରହିଥିବା ବେଳେ ସେକେଣ୍ଡକୁ ହାରାହାରି ୨ ଲକ୍ଷ ୩୭ ହଜାର ଘନଫୁଟ ଜଳ ପ୍ରବେଶ କରୁଛି। ସେହିପରି ଖୋଲାଥିବା ଗେଟ୍ ଗୁଡ଼ିକ ଦେଇ ୩ ଲକ୍ଷ ୮୭ ହଜାର କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ୩ଦିନ ତଳେ ହୀରାକୁଦ ଛାଡିଥିବା ବନ୍ୟାଜଳ ଆଜି ସଂଧ୍ୟା ସୁଦ୍ଧା ମୁଣ୍ଡଲୀରେ ପହଞ୍ଚିବ । ତେଣୁ ମହାନଦୀ ଜଳସ୍ତର ସାମାନ୍ୟ ବୃଦ୍ଧି ପାଇବ । ତେବେ ଅତି ବେଶିରେ ମୁଣ୍ଡୁଳିରେ ୬ ଲକ୍ଷରୁ ୭ ଲକ୍ଷ ପର୍ଯ୍ୟନ୍ତ ପାଣି ଚାଲିପାରେ ।ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତଙ୍କ କହିବାନୁସାରେ ମହାନଦୀରେ ଏବେ ବନ୍ୟା ଆଶଙ୍କା ନାହିଁ। ସବୁ ନଦୀରେ ଜଳସ୍ତର କମିବା ସହ ବିପଦ ସଙ୍କେତ ତଳେ ରହିଛି। ମହାନଦୀରେ ବନ୍ୟା ସଙ୍କଟ ଟଳିଥିଲେ ମଧ୍ୟ ବିଭିନ୍ନ ତଳି ଅଞ୍ଚଳରେ ପାଣି ପଶିଛି। କଟକର ବାଙ୍କୀ, ତିଗିରିଆ, ଆଠଗଡ଼, ଜଗତସିଂହପୁରର କୁଜଙ୍ଗ, ତିର୍ତ୍ତୋଲ, କେନ୍ଦ୍ରାପଡ଼ାର ବିଭିନ୍ନ ବ୍ଲକର ତଳି ଅଞ୍ଚଳ, ପୁରୀର କଣାସ, ଖୋର୍ଦ୍ଧାର କେତେକ ଅଞ୍ଚଳରେ ପାଣି ପଶିଛି।

## ଛେନା ଝିଲି



ଆବଶ୍ୟକ ସାମଗ୍ରୀ: ସୁଜି, ମଇଦା, ଚିନି, ଅଳେଇଚ ଗୁଣ୍ଡ ଓ ଖାଇବା ସୋଡ଼ା, ୫୦୦ ଗ୍ରାମ ଛେନା, ତେଲ।

ପ୍ରସ୍ତୁତି ପ୍ରଣାଳୀ: ଛେନା ଝିଲି ତିଆରି କରିବା ପୂର୍ବରୁ ଚିନିରେ ଶିରା ପ୍ରସ୍ତୁତ କରନ୍ତୁ। ତା'ପରେ ଛେନାକୁ ଏକ ପାତ୍ରରେ ୧୦ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଚକଟନ୍ତୁ। ପରେ ସେଥିରେ ତିନି ଚାମଚ ସୁଜି, ଦୁଇ ଚାମଚ ମଇଦା, ଗୋଟିଏ ଚାମଚ ଚିନି, ଅଳ୍ପ ଅଳେଇଚ ଗୁଣ୍ଡ ଓ ଖାଇବା ସୋଡା ପକାଇ ଭଲ ଭାବରେ ଚକଟି ଦିଅନ୍ତ। ଏହାପରେ ତାକୁ କିଛି ସମୟ ଘୋଡ଼ାଇ ରଖି ଦିଅନ୍ତୁ। ତା'ପରେ ଚକଟା ଛେନାକୁ ଛେନା ଝିଲିର ସେପ ଦେଇ ଗନ୍ତୁ। ଏବେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ଗି ରଖିଥିବା ଛେନା ଝିଲିକୁ ଅଳ୍ପ ଆଞ୍ଚରେ ଛାଣନ୍ତୁ। ଏହାର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଛାଣି ଶିରାରେ କିଛି ସମୟ ପର୍ଯ୍ୟନ୍ତ ପକାଇ ରଖନ୍ତୁ। ପରେ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଛେନା ଝିଲି। ଛେନା ଝିଲିକୁ ରୁଟି ଓ ପରଟା ସହିତ ଖାଇପାରିବେ।

..... ଖବର .....

# କରିସ୍ମାଙ୍କ ଘରକୁ ଆସିଲେ କୁନି ଅତିଥି




ବଲିଉଡ ତଥା ଟିଭି ଜଗତର ଜଣାଶୁଣା ଅଭିନେତ୍ରୀ କରିସ୍ମା ତନ୍ନା ମା ହୋଇଛନ୍ତି । ଗୁରୁ ପୂର୍ଣ୍ଣିମାରେ କରିସ୍ମା ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି । ମା ହେବା ନେଇ ଅଭିନେତ୍ରୀ ନିଜେ ସୋସିଆଲ ମିଡିଆରେ ଫ୍ୟାନ୍ସଙ୍କ ସହ ଖୁସି ସେୟାର କରିଛନ୍ତି । ସେ ନୋଟ୍ ସେୟାର କରି ଲେଖିଛନ୍ତି, ଗୁରୁ ପୂର୍ଣ୍ଣିମା ପବିତ୍ର ଦିନରେ ଜନ୍ମ ଆମର ସର୍ବୋତ୍ତମ ଆଶୀର୍ବାଦ ଆମ ସହିତ ରହିଛି । ୨୯ ଜୁଲାଇ, ୨୦୨୬ । ଆମ ଦୁନିଆକୁ ସ୍ୱାଗତ, କୁନି ଅତିଥି । କରିସ୍ମା ଏବଂ ବରୁଣ ।କରିସ୍ମା ଚଳିତବର୍ଷ ଏପ୍ରିଲ ମାସରେ ଫ୍ୟାନ୍ସଙ୍କ ସହିତ ଗର୍ଭବତୀ ଖବର ଥିବା ନେଇ ଜଣାଇଥିଲେ । ସ୍ୱାମୀ ବରୁଣ ବଙ୍ଗୋରା ସହିତ ମ୍ୟାଟରନିଟ୍ ଫଟୋଶୁଟ୍ କରିଥିଲେ । କୁନି ଅତିଥି ଆସିବା ପରେ ଅନେକ ପ୍ରଶଂସକ ଏବଂ ସେଲିବ୍ରିଟି ନୂତନ ପିତାମାତାଙ୍କ ଉପରେ ପ୍ରେମ ଏବଂ ଆଶୀର୍ବାଦ ଦେଇଛନ୍ତି । ଖୁସି କପୁର, ଅଞ୍ଜଳି ଆନନ୍ଦ, ସୋନାଲ ଚୌହାନ, ଅନୁଷ୍କା ରଞ୍ଜନ, ୱାମିକା ଗବ୍ବି ଏବଂ ଅନ୍ୟାନ୍ୟ ଅଭିନେତ୍ରୀମାନେ ଏହି ବିଶେଷ ଅବସରରେ କରିସ୍ମା ଏବଂ ବରୁଣଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।କରିସ୍ମା ତନ୍ନା ଏବଂ ବରୁଣ ବାଙ୍ଗେରା ୫ ଫେବୃଆରୀ ୨୦୨୨ରେ ମୁମ୍ବାଇରେ ଏକ ବ୍ୟକ୍ତିଗତ ସମାରୋହରେ ବିବାହ କରିଥିଲେ । ଯେଉଁଥିରେ ନିକଟତର ବନ୍ଧୁ ଏବଂ ପରିବାର ସଦସ୍ୟମାନେ ଯୋଗ ଦେଇଥିଲେ । କରିସ୍ମା ୨୦୦୧ ମସିହାରେ ଟିଭି ଧାରାବାହିକ କ୍ୟୁଁକି ଶାଶ୍ ଭି କଭି ବହୁ ଥି ସହିତ ଡେବ୍ୟୁ କରିଥିଲେ। ସେ ଶେଷ ଥର ପାଇଁ ହଂସଲ ମେହେଟାଙ୍କ ୱେବ୍ ସିରିଜ୍ ସ୍କୁପ୍ ରେ ନଜର ଆସିଥିଲେ। ବିବାହର ୪ ବର୍ଷ ପରେ ତାଙ୍କ ଜୀବନରେ ଖୁସି ଆସିଛି ।

## ଭଗବାନ ଅର୍ଦ୍ଧନାରୀଶ୍ୱର



ତପସ୍ୱୀ ଭୃଙ୍ଗୀ ଭଗବାନ ଶିବଙ୍କ ପରମଭକ୍ତ ଥିଲେ । ସେ ସର୍ବଦା ଶିବଙ୍କୁ ଭଜନ କରୁଥିଲେ । ତେବେ ସେ ଦେବୀ ଶକ୍ତିଙ୍କୁ କେବେ ଆରାଧନା କରୁନଥିଲେ । ଏଥିରେ ଅସନ୍ତୁଷ୍ଟ ହୋଇ ଦେବୀ ଶକ୍ତି ତାଙ୍କ ଠାରୁ ଶକ୍ତି ଛଡ଼ାଇ ନେଲେ । ଶକ୍ତିବିହୀନ ଭୃଙ୍ଗୀ ଆଉ ଭୂମିରେ ସିଧାସଳଖ ଛିଡ଼ା ମଧ୍ୟ ହୋଇପାରିଲେ ନାହିଁ । ତାଙ୍କ ଦୁଃଖ ଦେଖି ଭଗବାନ ଶିବ ତାଙ୍କୁ ଏକ ବାଡ଼ି ଦେଲେ । ସେହି ବାଡ଼ିକୁ ଧରି ଭୃଙ୍ଗୀ ସିଧାସଳଖ ଛିଡ଼ା ହେଲେ । ଏହାପରେ ମଧ୍ୟ ଭୃଙ୍ଗୀ କେବଳ ଭଗବାନ ଶିବଙ୍କୁ ପୂଜା କଲେ, ଶକ୍ତିଙ୍କୁ ନୁହେଁ । ଦେବୀ ଶକ୍ତି ଭଗବାନ ମହାଦେବଙ୍କ ସହିତ ସମ୍ପୂର୍ଣ୍ଣ ରୂପରେ ସମ୍ମିଳିତ ହେବାର ପ୍ରୟାସ ଜାରି ରଖିଲେ । ସେ କଠୋର ତପସ୍ୟା କଲେ । ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ମହାଦେବ ଦେବୀ ଶକ୍ତିଙ୍କୁ ନିଜର ଅର୍ଦ୍ଧାଙ୍ଗ ରୂପରେ ଗ୍ରହଣ କଲେ । ଏହାପରେ ସେ 'ଅର୍ଦ୍ଧନାରୀଶ୍ୱର' ଅବତାରରେ ଉଭା ହେଲେ । ଭଗବାନ ଅର୍ଦ୍ଧନାରୀଶ୍ୱରଙ୍କ ବାମ ପାର୍ଶ୍ୱ ପୁରୁଷ ବା ଶିବ ଏବଂ ଡାହାଣ ପାର୍ଶ୍ୱ ନାରୀ ବା ଶକ୍ତିଙ୍କ ରୂପରେ ପୂଜା କରାଗଲା ।

# କଣ୍ଟିଲୋ ନୀଳମାଧଙ୍କ ପାର୍ଶ୍ୱ ଦେବତା ଭାବେ ପୂଜା ପାଉଛନ୍ତି ବାବା ସିଦ୍ଧେଶ୍ୱର୍


ନୟାଗଡ ଜିଲ୍ଲା କଣ୍ଟିଲୋ ନୀଳମାଧଙ୍କ ପାର୍ଶ୍ୱ ଦେବତା ଭାବେ ବାବା ସିଦ୍ଧେଶ୍ୱର ପୂଜା ପାଉଛନ୍ତି। ସିଦ୍ଧେଶ୍ୱର ମହାଦେବଙ୍କ ଶକ୍ତି ଗତିଶୀଳୟ ସୂର୍ଯ୍ୟ ଉତ୍ତରାୟଣ ଗତି କଲେ ଶକ୍ତି ଦକ୍ଷିଣ ଦିଗକୁ ଢଳି ରହେ। ସୂର୍ଯ୍ୟ ଦକ୍ଷିଣୟାନ ଗତି କଲେ, ଶକ୍ତି ଉତ୍ତରକୁ ଢଳି ରହିଥାଏ। ଏଭଳି ଶିବ ମନ୍ଦିର ଦେଶରେରେ ବିରଳ।ନୟାଗଡ ଜିଲ୍ଲା କଣ୍ଟିଲୋରେ ବିଦ୍ୟମାନ ଶ୍ରୀ ନୀଳମାଧଙ୍କୁ ଶ୍ରୀଜଗନ୍ନାଥଙ୍କ ଆଦିକ୍ଷେତ୍ର ନାମରେ ନାମିତ କରାଯାଇଛି । ବ୍ରହ୍ମାଦି ପାହାଡ଼ ଉପରେ ପ୍ରଭୁ ନୀଳମାଧ ପୂଜା ପାଉଥିବା ବେଳେ ପାହାଡ଼ ତଳେ ପାର୍ଶ୍ୱଦେବତା ରୂପେ ବାବା ସିଦ୍ଧେଶ୍ୱର ବିଦ୍ୟମାନ । ସିଦ୍ଧେଶ୍ୱର ମହାଦେବଙ୍କ ଶକ୍ତି ଗତିଶୀଳୟ ସୂର୍ଯ୍ୟ ଉତ୍ତରାୟନ



ଗତିକଲେ ଶକ୍ତି ଦକ୍ଷିଣ ଦିଗକୁ ଢଳି ରହେ । ସୂର୍ଯ୍ୟ ଦକ୍ଷିଣୟାନ ଗତି କଲେ, ଶକ୍ତି ଉତ୍ତରକୁ ଢଳି ରହିଥାଏ । ଏଭଳି ଶିବ ମନ୍ଦିର ଦେଶରେରେ ବିରଳ।କିମ୍ବଦନ୍ତୀ କହେ କଣ୍ଟିଲୋ ଅଂଚଳ କଣ୍ଟେଇକୋଳି ଜଙ୍ଗଲରେ ଭର୍ତ୍ତି ହୋଇଥିଲା। ବେଦପତି ବ୍ରହ୍ମା ବ୍ରହ୍ମାଦି ପାହାଡ଼ର ବ୍ୟାଘ୍ର ଗୁମ୍ଫାରେ ସ୍ୱୟଂ ବିଷ୍ଣୁଙ୍କୁ ପୂଜା ଆରଧନା କରୁଥିଲେ । ଶିବ -ପାର୍ବତୀ ନାରାୟଣଙ୍କୁ ପରୀକ୍ଷା କରିବା ପାଇଁ ଚିନ୍ତାକଲେ। କଣ୍ଟିଲୋର କିଛି ଦୂରରେ ଥିବା ପାଟଣା ଗାଁର ଦକ୍ଷିଣଚଣ୍ଡୀଙ୍କ ନିକଟରେ ଶିବ ପାର୍ବତୀଙ୍କୁ ଛାଡି ବ୍ରହ୍ମାଦି ପାହାଡ଼କୁ ରୂପ ପରିବର୍ତ୍ତନ କରି ଆସିଲେ। ନୀଳମାଧଙ୍କୁ ଦର୍ଶନ କଲାବେଳେ ପ୍ରଭୁ ଶିବଙ୍କୁ ଚିହ୍ନି ପାରିଥିଲେ। ସେଠାରେ ଶିବଙ୍କୁ ରହିଯିବା ପାଇଁ ନୀଳମାଧବ କହିଥିଲେ। ସେହି ଦିନଠାରୁ ବ୍ରହ୍ମାଦି ପାହାଡ଼ରେ ଭଗବାନ ଶିବ ସୁବର୍ଣ୍ଣେଶ୍ୱର ନାମରେ ପୂଜା ପାଉଥିଲେ। ମହାଦେବ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ କରିବାରୁ ସିଦ୍ଧେଶ୍ୱର ମହାଦେବ ନାମରେ ନାମିତ ହେଲେ।ବ୍ରହ୍ମାଦି ପାହାଡ଼ ନିକଟସ୍ଥ ମହାନଦୀର ଅପର ପାର୍ଶ୍ୱରୁ ଏକ କାଳିଗାଈ ବ୍ରହ୍ମାଦି ପାହାଡ଼କୁ ଆସେ। କାଳିଗାଈ ଗଉଡ଼ ଘରେ କ୍ଷୀର ଦିଏ ନାହିଁ। ଗଉଡ଼ ସନ୍ଦେହ କରି ଦିନେ ଗାଈ ପିଛା କରିଥିଲା। ମହାନଦୀରେ ବଢ଼ି ପାଣି ଆସିଥାଏ। ଗାଈର ଲାଞ୍ଜ ଧରି ଗଉଡ଼ ନଦୀପାର ହୋଇଥିଲା। ଗାଈ ଆସି ସିଦ୍ଧେଶ୍ୱରଙ୍କ ଲିଙ୍ଗରେ ଠିଆହୋଇ କ୍ଷୀର ଦେଇଥିଲା। ଗଉଡ଼ ଦେଖି ଗାଈକୁ ବାଉଁଶଠେଙ୍ଗାରେ ମାଡ଼ ମାରିଥିଲା। ଗାଈ ଦୌଡ଼ି ପଳାଇବା ବେଳେ ଶିବଲିଙ୍ଗ ଉପରେ ଖୁରାପଡିଗଲା। ସେହି ଦିନଠାରୁ ଶିବଲିଙ୍ଗ ଉପରେ ଖୁରାଚିହ୍ନ ରହିଛି। ତେବେ ଏଠାରେ କିଏ ମନ୍ଦିର ନିର୍ମାଣ କରିଥିଲେ ଇତିହାସ ନିରବ।

# କର୍ମ ଓ ପ୍ରେରଣା

ଅନେକ ଦିନ ତଳର କଥା। ଜଣେ ସାଧୁ ଥିଲେ । ନାମ ରାମାନନ୍ଦ। ସେ ଥିଲେ ଜଣେ ଉତ୍ତମ ଭକ୍ତ। ସ୍ୱାମୀ ରାମାନନ୍ଦଙ୍କର ଅନେକ ଶିଷ୍ୟ ଓ ଭକ୍ତ ଥିଲେ। ସେମାନେ ମଧ୍ୟ ତାଙ୍କୁ ସୁନା,ରୁପା ଭେଟି ଦେଉଥିଲେ। ସ୍ୱାମିଜୀ ସ୍ଥିର କଲେ ଯଥେଷ୍ଟ ଅର୍ଥ ଜମା ହେବାପରେ ସେ ଗରିବ ଲୋକଙ୍କ ସକାଶେ ଗୋଟାଏ ଦାତବ୍ୟ ଚିକିତ୍ସାଳୟ ଖୋଲିବେ । ଥରେ ନିଜର ଜଣେ ଶିଷ୍ୟ ଆଦିତ୍ୟକୁ ଧରି ବଣୁଆ ରାସ୍ତାଦେଇ ଯାଉଥାନ୍ତି । ବାଟରେ ସ୍ୱାମୀଜୀଙ୍କୁ ଆଦିତ୍ୟ ପଚାରିଲା "ଗୁରୁଦେବ ! କୁରୁ-ପାଣ୍ଡବ ଯୁଦ୍ଧରେ ଲଢ଼ିଲେ ଅର୍ଜୁନ। ଶ୍ରୀକୃଷ୍ଣ କେବଳ ତାକୁ ଉପଦେଶ ଦେଉଥିଲେ। ତେବେ ଯୁଦ୍ଧରେ ପାଣ୍ଡବଙ୍କ ବିଜୟଲାଭ ପାଇଁ ସମସ୍ତେ ଶ୍ରୀକୃଷ୍ଣଙ୍କୁ କାହିଁକି ଅଭିନନ୍ଦନ ଜଣାନ୍ତି । ଠିକ୍ ସମୟରେ ଉତ୍ତର ଦେବି କହି ଆଗକୁ ଅଗ୍ରସର ହେଲେ। ଖଣ୍ଡିଏ ଟାଣୁଆ ଲାଠି ସଂଗ୍ରହ ପାଇଁ ସ୍ୱାମୀଜୀ ଆଦିତ୍ୟକୁ କହିଲେ।



ଆଦିତ୍ୟ ଏକ ଲାଠି ସଂଗ୍ରହ କଲା ଏବଂ ଗୁରୁଶିଷ୍ୟ ଆଗକୁ ଯାଉ ଯାଉ ରାସ୍ତାରେ ଡ଼ାକୁମାନେ ବନ୍ଧୁକ ଧରି କହିଲେ ପାଖରେ ଯାହା ଟଙ୍କା ସୁନାଅଛି ଦେଇଦିଅ । ନ ହେଲେ ଗୁଳିରେ ମୁଣ୍ଡ ଉଡ଼ାଇ ଦେବି।

ସ୍ୱାମିଜୀ କହିଲେ ବାବୁ ଏହା ଗରିବ ଲୋକଙ୍କ ଉପକାର ପାଇଁ ସଂଚିଥିଲି। ତୁମେ ଏମିତି ଛଡ଼ାଇ ନେବା କ'ଣ ଭଲ ହେବ?" ଡ଼ାକୁମାନେ କିଛି ନ ଶୁଣି ଟଙ୍କା ଥଳିଟି ଛଡ଼ାଇ ନେଲେ। ସ୍ୱାମିଜୀ କହିଲେ ଟଙ୍କା ପଇସା ତନେଲ ମୋତେ କାହିଁକି ବଞ୍ଚାଇ ରଖିଛ। ମୋତେ ମାରିଦେଇ ଦୁଃଖରୁ ମୁକ୍ତି ଦିଅ। ଡ଼ାକୁମାନେ କହିଲେ ଏହା କ'ଣ ସତ ବନ୍ଧୁକ ହୋଇଛି ଯେ, ମୁଁ ତୁମକୁ ମାରିବି ? ସ୍ୱାମିଜୀ କହିଲେ ମୋ ସନ୍ଦେହ ଠିକ୍। ଆଦିତ୍ୟ ! ଆଉ ବିଳମ୍ବ ନକରି ଶକ୍ତି ଦେଖାଅ। ସଙ୍ଗେ ସଙ୍ଗେ ଆଦିତ୍ୟ ତା'ଲାଠି ଡ଼ାକୁ ପିଠିରେ ବସାଇଦେଲା। ଡ଼ାକୁ ତଳେ ପଡ଼ିଗଲା।

ସ୍ୱାମିଜୀ କହିଲେ, "ବାବୁ ମୋ ଅନୁରୋଧ ରକ୍ଷା କରିଥିଲେ ତୁମର ଏ ଦୁର୍ଦ୍ଦଶା ହୋଇ ନଥାନ୍ତା। ଡ଼ାକୁ ବନ୍ଧା ହୋଇ ଜୁଳୁଜୁଳୁ କରି ସେମାନଙ୍କ ଗତି ପଥକୁ ଅନାଇ ରହିଲା। କିଛିବାଟ ଯିବା ପରେ ଆଦିତ୍ୟ କହିଲା, "ଗୁରୁଦେବ! ଧନ୍ୟ ଆପଣଙ୍କ ଦୂରଦୃଷ୍ଟି ଓ ବୁଦ୍ଧି। ଆପଣଙ୍କ କଥା ଶୁଣି ଲାଠି ସଂଗ୍ରହ କରି ନ ଥିଲେ ଆଜି ସବୁ ଯାଇଥିଲା। ପୁଣି ଆପଣ ଡ଼ାକୁକୁ ବି ବୋକା ବନେଇଦେଲେ ! "କିନ୍ତୁ ଲାଠି ଚଳାଇଲୁ ତ ତୁ !" ସ୍ୱାମିଜୀ କହିଲେ। "କିନ୍ତୁ ଆପଣ ନ ଥିଲେ ମୁଁ କ'ଣ ତାହା କରିଥାନ୍ତି ?" ଆଦିତ୍ୟ କହିଲା। "ଏଥର ଶ୍ରୀକୃଷ୍ଣଙ୍କ ତାତ୍ପର୍ଯ୍ୟ ବୁଝିଲୁ ତ ? ସ୍ୱାମିଜୀ ବୁଝାଇଦେଲେ ଆଦିତ୍ୟ ତୃପ୍ତ ହେଲା।

# ବିବାହ ସହ ଜଡିତ କିଛି ଗୁରୁତ୍ୱପୂର୍ଣ୍ଣ କଥା



ହସ୍ତରେଖା ବିଶେଷଜ୍ଞଙ୍କ ମତରେ ଯେଉଁମାନଙ୍କର ହସ୍ତରେ ଶୁକ୍ର, ବୃହସ୍ପତି, ମଙ୍ଗଳ ଆଦିଙ୍କ ସ୍ଥାନ ଖୁବ ପ୍ରଭାବିତ ରହିଥାଆନ୍ତି। ସେମାନେ ପ୍ରେମ ବିବାହ କରିବାର ସମ୍ଭାବନା ଅଧିକ ରହିଥାଏ।

ଆମ ହସ୍ତରେ ଥିବା ରେଖାମାନଙ୍କ ଠାରୁ ଏହା ମଧ୍ୟ ଜାଣିହୋଇଥାଏ ଯେ, ଯଦି ଆପଣଙ୍କ ଅନ୍ୟ ରେଖା ତୁଳନାରେ ବିବାହ ରେଖା ଖୁବ ସାନ କିମ୍ବା ବଡ଼ ଥାଏ, ତେବେ ଆପଣଙ୍କ ବିବାହ ଘରର ନିକଟରେ ହେବାର ସମ୍ଭାବନା ଥାଏ।

ଯଦି ଆପଣଙ୍କ ହସ୍ତରେ ବୃହସ୍ପତି ରେଖା ଶନିଙ୍କ ଆଡ଼କୁ ଢଳି ରହେ, ତେବେ ଜାଣନ୍ତୁ ଆପଣଙ୍କ ବିବାହ ବିଳମ୍ବରେ ହେବ।

ହସ୍ତରେ ଥିବା ବୁଧ ପର୍ବତ ରେଖାରୁ ମଧ୍ୟ ବ୍ୟକ୍ତିଙ୍କର ପ୍ରେମ ବିବାହ ହେବ ବୋଲି ଜଣାପଡ଼ିଥାଏ। ହସ୍ତରେ ବୃହସ୍ପତି ଓ ଶୁକ୍ରଙ୍କର ସ୍ଥିତିରୁ ମଧ୍ୟ ଆପଣଙ୍କ ସାଥିର ଗୁଣ ବିଷୟରେ ଜାଣି ହୋଇଥାଏ। ଯେଉଁମାନଙ୍କ ବୃହସ୍ପତି ରେଖା ହୃଦୟ ରେଖା ଠାରୁ ଦୂରରେ ରହେ, ସେମାନଙ୍କର ବିବାହ ମଧ୍ୟ ବିଳମ୍ବରେ ହୋଇଥାଏ। ଯେବେ ବିବାହ ପାଇଁ ଆପଣଙ୍କୁ ଦେଖିବା ପାଇଁ ଲୋକେ ଆସନ୍ତି, ସେହି ସମୟରେ ଆପଣଙ୍କ ମୁଖକୁ ଉତ୍ତର ଦିଗ ଆଡ଼କୁ କରି ବସନ୍ତୁ।

ବିବାହ ଯୋଗ୍ୟ ଯୁବକ-ଯୁବତୀଙ୍କ କକ୍ଷରେ ସୁନ୍ଦର ସୁନ୍ଦର ଫଟୋ ଲଗାନ୍ତୁ। ମାତ୍ର କାନ୍ଦୁଥିବା ପିଲାମାନଙ୍କ ଫଟୋ ଲଗାନ୍ତୁ ନାହିଁ।

ଯଦି ଆପଣ ପ୍ରେମବିବାହ କରୁଛନ୍ତି ଓ ଆପଣଙ୍କୁ ଦୁଃସ୍ୱପ୍ନ ଆସୁଛି ତେବେ ନିଜ ତକିଆ ତଳେ ହାତର ଆଙ୍ଗୁଠିରେ'ଓଁ' ଲେଖନ୍ତୁ।

ଘରର ମୁଖ୍ୟ ଦ୍ୱାରରେ ଦର୍ପଣ ଲଗାନ୍ତୁ ନାହିଁ। କାରଣ ମୁଖ୍ୟ ଦ୍ୱାରରେ ଦର୍ପଣ ଲଗାଇବା ଦ୍ୱାରା ବିବାହରେ ସମସ୍ୟା ସୃଷ୍ଟି ହୋଇଥାଏ। ବିବାହ ପାଇଁ ଆପଣଙ୍କୁ ଦେଖିବାକୁ ଆସୁଥିବା ଅତିଥିଙ୍କୁ ଗୃହରେ ସର୍ବଦା ପଶ୍ଚିମ ଦିଗରେ ବସାନ୍ତୁ।

ଯଦି ଘରର ମୁଖ୍ୟ ଦ୍ୱାର ସମ୍ମୁଖରେ କିଛି ଖୁମ୍ବ, ବୃକ୍ଷ, ଖୋଲା ହୋଇଥିବା ନଳା ଥାଏ ତେବେ ମଧ୍ୟ ବିବାହ ପାଇଁ ସମସ୍ୟା ସୃଷ୍ଟି ହୋଇଥାଏ। ଏହି କାରଣରୁ ଗୃହରେ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ।

## ସଂଖ୍ୟାଲଘୁ ଓଡ଼ିଆ ଭାଷାଭାଷୀଙ୍କର ଉନ୍ନତି ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହେବ



**ଭୁବନେଶ୍ୱର,୨।୮ (ମହାଭାରତ):** ବିଧାନସଭାରେ ସଂଖ୍ୟାଲଘୁ ଓଡ଼ିଆ ଭାଷାଭାଷୀଙ୍କର ଉନ୍ନତି ପାଇଁ ଗଠିତ ଗୃହକମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଧ୍ୟକ୍ଷତା କରି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ କହିଲେ ଯେ ରାଜ୍ୟ ବାହାରେ ବିଚ୍ଛିନ୍ନାଂଚଳ, ସୀମାନ୍ତ ଓ ଉପାନ୍ତ ଅଂଚଳରେ ବସବାସ କରୁଥିବା ସଂଖ୍ୟାଲଘୁ ଓଡ଼ିଆମାନଙ୍କ ମଧ୍ୟରେ ଓଡ଼ିଆ ଭାଷା ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସେସବୁ ଅଂଚଳରେ ଥିବା ବିଦ୍ୟାଳୟର ଭିତିଭୂମିର ଉନ୍ନତିକରଣ, ଶିକ୍ଷକ ନିଯୁକ୍ତି, ପାଠ୍ୟପୁସ୍ତକ ଯୋଗାଣ ଆଦି ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଓଡ଼ିଆ ଭାଷା ଶିକ୍ଷା ପ୍ରତି ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି । ୨୦୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ ହେଉଥିବାବେଳେ ବିଚ୍ଛିନ୍ନାଂଚଳରେ ଓଡ଼ିଆ ଭାଷାର ପ୍ରଚାରପ୍ରସାର ପାଇଁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତି ଉପରେ ବାଚସ୍ପତି ଗୁରୁତ୍ୱ ଦେଇଥିଲେ। ଉପବାଚସ୍ପତି ଶ୍ରୀ ଭାବନୀଶଙ୍କର ଭୋଇ ବିଭାଗୀୟ ଅଧିକାରୀମାନଙ୍କୁ ଏହିସବୁ ଅଂଚଳକୁ ନିୟମିତ ଗସ୍ତ କରିବାକୁ ପରାମର୍ଶ ଦେବା ସହ ସ୍ଥାନୀୟ ଅଧିକାରୀମାନଙ୍କ ସହ ସମନ୍ୱୟ ରଖି ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରଚାରପ୍ରସାର ଦିଗରେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ବିଭିନ୍ନ ବିଭାଗର ସଚିବମାନେ ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କିତ ପ୍ରସ୍ତାବ ଓ ତଥ୍ୟ ଉପସ୍ଥାପନ କରିଥିଲେ । ଏଥିରେ ଷଢ଼େଇକଳା, ଖରସୁଆଁ, ସିଂହଭୂମ, ମେଦିନପୁର ଓ ମଞ୍ଜୁଷା ଭଳି ଓଡ଼ିଆ ଭାଷାଭାଷୀ ବିଚ୍ଛିନ୍ନାଂଚଳ ଓ ସୀମାନ୍ତ ଅଂଚଳରେ ଓଡ଼ିଆ ଭାଷା ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଓ ସୁଧାର ନେଇ ଆଲୋଚନା ହୋଇଥିଲା। ବୈଠକରେ ହୋଇଥିବା ଆଲୋଚନାରୁ ଜଣାପଡ଼ିଛି ଯେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ନିୟମିତ ଭାବେ ଏହିସବୁ ଅଂଚଳକୁ ଉତ୍କଳ ପ୍ରସଙ୍ଗ, ପ୍ରଗତି ପ୍ରବାହ ପଠାଯାଉଥିବାବେଳେ ଆଗାମୀ ଦିନରେ ଏହାକୁ ଅଧିକ ବ୍ୟାପକ କରାଯିବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟ ବାହାରେ ବିଚ୍ଛିନ୍ନାଂଚଳ, ସୀମାନ୍ତ ଓ ଉପାନ୍ତ ଅଂଚଳର ଐତିହ୍ୟ, କଳା, ସଂସ୍କୃତିର ସୁରକ୍ଷା ତଥା ପ୍ରଚାରପ୍ରସାର ପାଇଁ ଅଧିକ ଆର୍ଥିକ ସହାୟତାର ପ୍ରସ୍ତାବ ଦିଆଯାଇଥିବାବେଳେ ଏହିସବୁ ଅଂଚଳର ପାଠାଗାରକୁ ଓଡ଼ିଆ ପୁସ୍ତକ ପଠାଇବା ପାଇଁ ଅଗ୍ରାଧିକାର ଦିଆଯାଉଛି। ବୈଠକରେ ବିଧାୟକ ଶ୍ରୀ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ଫକୀର ନାୟକ, ଗୌତମବୁଦ୍ଧ ଦାସ, ଗଣେଶ୍ୱର ବେହେରା, ଶ୍ରୀ ଗୌରୀଶଙ୍କର ମାଝୀ, ଶ୍ରୀ ନରସିଂହ ମାଡକାମି, ଶ୍ରୀ ଦୁର୍ଗାଚରଣ ତନ୍ତି, ଶ୍ରୀ ରଘୁରାମ ମାଛଙ୍କ ସମେତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ତିରୁମାଲ୍ଲା ନାୟକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଶ୍ରୀ ବିଜୟ କେତନ ଉପାଧ୍ୟାୟ, ବିଧାନସଭାର ସଚିବ ଶ୍ରୀ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ଅନୁଜ କୁମାର ଦାସପଟ୍ଟନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ ଅନନ୍ୟା ଦାସ, ମଧୁସ୍ମିତା ସାହୁ, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଦେବପ୍ରସାଦ ଦାସ ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ । ସରକାରୀ ଦଳ ମୁଖ୍ୟ ସଚେତକ ଶ୍ରୀ ସରୋଜ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜ୍ୟୋତିର୍ମୟୀଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ

**ଭୁବନେଶ୍ୱର,୨।୮ (ମହାଭାରତ):** ଓଡ଼ିଶାର ରାଜ୍ୟପାଳ ଡ ହରି ବାବୁ କମ୍ଭମପାଟି ବୁଧବାର ଦିନ ଲୋକ ଭବନରେ ଇଣ୍ଡିଆନ ଆଇଡଲ ସିଜନ ୧୬ର ବିଜେତା ଜ୍ୟୋତିର୍ମୟୀ ନାୟକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସଙ୍ଗୀତ କ୍ଷେତ୍ରରେ ପ୍ରଦର୍ଶିତ ଉଲ୍ଲେଖନୀୟ ସଫଳତା ପାଇଁ ଜ୍ୟୋତିର୍ମୟୀଙ୍କୁ ରାଜ୍ୟପାଳ ଏହି ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଏହି ଯୁବ ଗାୟିକାଙ୍କୁ ଅଭିନନ୍ଦନ ଜଣାଇ ତାଙ୍କ ପ୍ରତିଭା, ନିଷ୍ଠା ଏବଂ ଅଧ୍ୟବସାୟକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି। ଜ୍ୟୋତିର୍ମୟୀଙ୍କ ସଫଳତା ଓଡ଼ିଶାର ଗୌରବ ବଢ଼ାଇଛି ଏବଂ ଅନେକ ଯୁବପିଢ଼ିଙ୍କୁ ସ୍ୱପ୍ନ ପୂରଣ ପାଇଁ ଦୃଢ଼ ସଂକଳ୍ପ ସହିତ ଆଗେଇ ଯିବାର ପ୍ରେରଣା ପ୍ରଦାନ କରିଛି ବୋଲି ରାଜ୍ୟପାଳ କହିଛନ୍ତି। ଜ୍ୟୋତିର୍ମୟୀଙ୍କ ଏହି ସଫଳତା ଓଡ଼ିଶାର ସମୃଦ୍ଧ ସଙ୍ଗୀତ ପରମ୍ପରାକୁ ପ୍ରତିଫଳିତ କରୁଛି ଏବଂ ଜାତୀୟସ୍ତରରେ ରାଜ୍ୟର ପ୍ରତିଭାକୁ ପରିଚିତ କରାଇଛି ବୋଲି ରାଜ୍ୟପାଳ କହିଛନ୍ତି ଓ ଜ୍ୟୋତିର୍ମୟୀ ନିଜ ସଙ୍ଗୀତ ଯାତ୍ରାରେ ଆହୁରି ଉନ୍ନତି କରିବା ସହ ଅନେକ ଆକାଂକ୍ଷୀ କଳାକାରଙ୍କୁ ପ୍ରେରଣା ପ୍ରଦାନ କରିବେ ବୋଲି ରାଜ୍ୟପାଳ ଆଶା ପୋଷଣ କରିଛନ୍ତି। ରାଜ୍ୟପାଳଙ୍କଠାରୁ ସମ୍ବର୍ଦ୍ଧିତ ହୋଇ ଜ୍ୟୋତିର୍ମୟୀ ରାଜ୍ୟପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ସ୍ୱୀକୃତି ତାଙ୍କୁ ଆହୁରି କଠିନ ପରିଶ୍ରମ କରିବାର ପ୍ରେରଣା ଦେଇଛି ଏବଂ ସେ




ଅଧିକ ନିଷ୍ଠାର ସହିତ ନିଜର ସଙ୍ଗୀତ ଯାତ୍ରା ଜାରି ରଖିବେ ବୋଲି କହିଛନ୍ତି ।ରାଜ୍ୟପାଳ ଜ୍ୟୋତିର୍ମୟୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ଏବଂ ଆଶା ପ୍ରକାଶ କରିଛନ୍ତି ଯେ ସେ ସଙ୍ଗୀତ କ୍ଷେତ୍ରରେ ଆହୁରି ଅନେକ ସମ୍ମାନ ଆଣି ଓଡ଼ିଶାର ଗୌରବ ବର୍ଦ୍ଧନ କରିବେ। ଏହି ଅବସରରେ ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଡ. ରୂପା ରୋଶନ ସାହୁ ମଧ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ପରିସ୍ଥିତି ସମୀକ୍ଷା କଲେ ସ୍ୱାସ୍ଥ୍ୟ ସଚିବ

**ଭୁବନେଶ୍ୱର,୨।୮ (ମହାଭାରତ):** ରାଜ୍ୟରେ ଅତ୍ୟଧିକ ବର୍ଷା ପ୍ରଭାବିତ ଜିଲ୍ଲା ଗୁଡିକରେ ଜଳସ୍ତର ବୃଦ୍ଧି ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ପ୍ରସ୍ତୁତି ସମୀକ୍ଷା କରାଯାଇଛି । ବିଭାଗର କମିଶନର-ତଥା-ଶାସନ ସଚିବ ଅସ୍ୱତୀ ଏସ. ଆଜି ପ୍ରଭାବିତ ଜିଲ୍ଲାଗୁଡ଼ିକର ପ୍ରସ୍ତୁତି ବ୍ୟବସ୍ଥାର ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି।

ସମୀକ୍ଷା ବୈଠକରେ ସଚିବ ପ୍ରଭାବିତ ଅଂଚଳରେ ଲୋକଙ୍କୁ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ଯୋଗାଇବା ଉପରେ ସର୍ବାଧିକ ଗୁରୁତ୍ୱ ଦେଇଥିଲେ। ସମସ୍ତ ଜିଲ୍ଲାକୁ ପର୍ଯ୍ୟାପ୍ତ ପରିମାଣର ଜରୁରୀ ଔଷଧ, ଓଆରଏସ, ବ୍ଲିଚିଂ ପାଉଡର, ହାଲଜେନ ଟ୍ୟାବଲେଟ୍, ସାପ କାମୁଡ଼ା ପ୍ରତିଷେଧକ ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀର ଉପଲବ୍ଧତା ସୁନିଶ୍ଚିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।

ପ୍ରଭାବିତ ଅଂଚଳରେ ନିୟମିତ ସ୍ୱାସ୍ଥ୍ୟ ଯାଂଚ, ଗର୍ଭବତୀ ମହିଳା, ଶିଶୁ, ବୟସ୍କ ଓ ଦିବ୍ୟାଙ୍ଗଙ୍କ ପ୍ରତି ସ୍ୱତନ୍ତ୍ର ଯତ୍ନ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଆସନ୍ନ ପ୍ରସବ ମହିଳାଙ୍କୁ ଆବଶ୍ୟକ ସ୍ଥଳେ ନିକଟସ୍ଥ ମେଡିକାଲକୁ ସ୍ଥାନାନ୍ତର ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଯୋଗାଯୋଗ ବିଚ୍ଛିନ୍ନ ଅଂଚଳକୁ ଆମ୍ବୁଲାନ୍ସ ସେବା ନିମନ୍ତେ ଅଗ୍ନିଶମ କର୍ମଚାରୀଙ୍କ ସହାୟତା ନେବାକୁ କହିଥିଲେ । ପ୍ରଭାବିତ ଅଂଚଳରେ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଏମବିବିଏସ ଡାକ୍ତର ମୁତୟନ, ଜେନେରେଟର ଉପଲବ୍ଧତା, ଜଳ ବନ୍ଦୀ ଡାକ୍ତରଖାନା ଗୁଡିକରେ ପମ୍ପସେଟ ଲଗାଇ ଜଳ ମୁକ୍ତ ନିମନ୍ତେ ପଦକ୍ଷେପ ପାଇଁ କହିଛନ୍ତି ।

ପାନୀୟ ଜଳର ବିଶୁଦ୍ଧତା ରକ୍ଷା, ଖାଦ୍ୟ ସୁରକ୍ଷା, ପରିମଳ ବ୍ୟବସ୍ଥା ଏବଂ ଜନସଚେତନତା କାର୍ଯ୍ୟକ୍ରମକୁ ଅଧିକ ଜୋରଦାର କରିବା ପାଇଁ ସେ ସମସ୍ତ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ କହିଥିଲେ। ସିଡିଏମ୍ ଓ ପିଏଚ୍‌ଓଙ୍କୁ ଜିଲ୍ଲା ମୁଖ୍ୟାଳୟ ନଛାଡିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ କଂଟ୍ରୋଲ ରୁମ ସମସ୍ତ ପ୍ରଭାବିତ ଅଂଚଳ ସହ ଯୋଗାଯୋଗ ରଖି ଆବଶ୍ୟକ ପଦକ୍ଷେପ ନେବାକୁ କହିଛନ୍ତି। ବୈଠକରେ ବିଭାଗର ବରିଷ୍ଠ ଅଧିକାରୀ, ଓଡିଶା ରାଜ୍ୟ ଔଷଧ ନିଗମର ଅଧିକାରୀ ଏବଂ ପ୍ରଭାବିତ ଜିଲ୍ଲାର ସିଡିଏମ୍ ଓ ପିଏଚ୍‌ଓମାନେ ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇଥିଲେ।

## ବାଘ ସଂରକ୍ଷଣ ସମ୍ପର୍କରେ ଜନସଚେତନତା ସୃଷ୍ଟି ଆବଶ୍ୟକ

**ଭୁବନେଶ୍ୱର,୨।୮ (ମହାଭାରତ):** ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପକ୍ଷରୁ ଅନ୍ତର୍ଜାତୀୟ ବାଘ ଦିବସ-୨୦୨୬ ଅବସରରେ ବିଭିନ୍ନ ସଚେତନତା, ଶିକ୍ଷାମୂଳକ ଓ ସଂରକ୍ଷଣଧର୍ମୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବାଘ ସଂରକ୍ଷଣ ସମ୍ପର୍କରେ ଜନସଚେତନତା ବୃଦ୍ଧି ଏବଂ ବନ୍ୟଜନ୍ତୁ ସୁରକ୍ଷାରେ ସାଧାରଣ ଲୋକଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଂଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ କହିଥିଲେ ଯେ, ଅନ୍ତର୍ଜାତୀୟ ବାଘ ଦିବସ ବାଘ ଓ ଏହାର ବାସସ୍ଥଳୀର ସଂରକ୍ଷଣ ସମ୍ପର୍କରେ ଜନସଚେତନତା ସୃଷ୍ଟି ଏବଂ ସାମୂହିକ ପ୍ରୟାସକୁ ସୁଦୃଢ଼ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ମଂଚ। ଶିକ୍ଷା, ସମ୍ପ୍ରଦାୟର ସହଭାଗିତା ଏବଂ ସଂରକ୍ଷଣମୂଳକ ପଦକ୍ଷେପ ମାଧ୍ୟମରେ ନନ୍ଦନକାନନ ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହାବସ୍ଥାନର ବାର୍ତ୍ତାକୁ ସଫଳତାର ସହ ପ୍ରସାର କରିଆସୁଛି। କାର୍ଯ୍ୟକ୍ରମର ଅଂଶସ୍ୱରୂପ ସ୍ୱାକ୍ଷର ଅଭିଯାନ ଏବଂ



ବାଘ ସଂରକ୍ଷଣ ଶପଥ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହା ମାଧ୍ୟମରେ ପରିଦର୍ଶକମାନଙ୍କୁ ଭାରତର ଜାତୀୟ ପଶୁ ବାଘ ଓ ଏହାର ବାସସ୍ଥଳୀର ସୁରକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃଦୃଢ଼ କରିବାକୁ ଆହ୍ୱାନ କରାଯାଇଥିଲା। ସେହିପରି '୧ ପ୍ରଶ୍ନ-୧ ଉତର-୧ ପୁରସ୍କାର' ମୋବାଇଲ ସଚେତନତା ଅଭିଯାନର ମଧ୍ୟ ଶୁଭାରମ୍ଭ କରାଯାଇଥିଲା। ଏହି ଅଭିନବ ପଦକ୍ଷେପ ମାଧ୍ୟମରେ ବାଘ ସଂରକ୍ଷଣ ସମ୍ପର୍କିତ ପ୍ରଶ୍ନୋତର ଓ ପୁରସ୍କାର ବ୍ୟବସ୍ଥା ଜରିଆରେ ସାଧାରଣ ଲୋକଙ୍କୁ ସଚେତନ କରାଯାଉଛି। ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ସେମାନଙ୍କର ଉତ୍ସର୍ଗୀକୃତ ସେବାକୁ ସମ୍ମାନ ଜଣାଇ ନନ୍ଦନକାନନର ବାଘ ପରିଚର୍ଯ୍ୟାକାରୀ (ଟାଇଗର କିପର୍ସ)ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅନ୍ତର୍ଜାତୀୟ ବାଘ ଦିବସ ଅବସରରେ ଆୟୋଜିତ ସିଟ୍ ଆଣ୍ଡ ଡ୍ର' ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଦିବସବ୍ୟାପୀ କାର୍ଯ୍ୟକ୍ରମରେ ବାଘର ପରିଚର୍ଯ୍ୟା ଓ ସଂରକ୍ଷଣ ଉପରେ କିପର୍ସ ଟକ୍, ଶିଶୁମାନଙ୍କ ପାଇଁ କାହାଣୀ କହିବା କାର୍ଯ୍ୟକ୍ରମ, ମିନି ଜୁ କିପର୍ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ବାଘର ଜୀବବିଜ୍ଞାନ, ଆଚରଣ ଓ ସଂରକ୍ଷଣ ସମ୍ପର୍କରେ ବ୍ୟବହାରିକ ଶିକ୍ଷା ପ୍ରଦାନ କରାଯାଇଥିଲା। ଏଥିସହ ବାଘ ସଂରକ୍ଷଣ ଉପରେ ବିଶେଷଜ୍ଞଙ୍କ ବକ୍ତବ୍ୟ ଏବଂ ଜୁ' ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ପରିବେଷିତ ନୁକ୍କଡ଼ ନାଟକ ପରିଦର୍ଶକମାନଙ୍କ ମଧ୍ୟରେ ବାଘ ସଂରକ୍ଷଣର ବାର୍ତ୍ତା ପହଂଚାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଏବଂ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମ କୁମାର ଝା, ନନ୍ଦନକାନନ ପ୍ରାଣୀ ଉଦ୍ୟାନର ନିର୍ଦ୍ଦେଶକ ସନତ କୁମାର, ଉପ-ନିର୍ଦ୍ଦେଶକ ପ୍ରଦୀପ ମିରାସେଙ୍କ ସମେତ ଛାତ୍ରଛାତ୍ରୀ, ବନ୍ୟଜନ୍ତୁପ୍ରେମୀ, ପରିଦର୍ଶକ ଏବଂ ସଂରକ୍ଷଣ କ୍ଷେତ୍ରର ବିଶେଷଜ୍ଞମାନେ ଉପସ୍ଥିତ ଥିଲେ।

## ଗୁରୁ ରବି ଦାସଙ୍କ ଜନ୍ମଜୟନ୍ତୀ ବର୍ଷ ଉପଲକ୍ଷେ ସମରସ ସଂକଳ୍ପ ଅଭିଯାନ

**ଭୁବନେଶ୍ୱର,୨।୮ (ମହାଭାରତ):** ଆଧ୍ୟାତ୍ମିକବାଦୀ କବି ସନ୍ଥ ଶିରୋମଣି ଗୁରୁ ରବି ଦାସ ଜଣେ ମହାନ ସନ୍ଥ ଓ କବି ହେବା ସହ ସମାଜ ସଂସ୍କାରକ ଏବଂ ଭଗବାନଙ୍କ ଅନୁଗାମୀ ଥିଲେ । ସମାଜରୁ ଅସ୍ପୃଶ୍ୟତା, ଉଚ୍ଚନୀଚ ଭେଦଭାବ, ଛୁଆଁ, ଅଛୁଆଁ ଆଦି ଦୂର କରିବା ପାଇଁ ସେ ନିରନ୍ତର ଉଦ୍ୟମ କରୁଥିଲେ । ସେ ୧୫ରୁ ୧୬ତମ ଶତାବ୍ଦୀର ଜାତିଭେଦ ଭାବ ମୁକ୍ତ ସମାଜର ପ୍ରତୀକ ଥିଲେ । ଆଧ୍ୟାତ୍ମିକ ଏବଂ ଭକ୍ତି ମାର୍ଗରେ ଚାଲିବା ସମୟରେ ସନ୍ଥ ରବି ଦାସ କର୍ମ ଉପରେ ଗୁରୁତ୍ୱ ଦେଉଥିଲେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଆହ୍ୱାନକ୍ରମେ ସନ୍ଥ ଶିରୋମଣି ଶ୍ରୀ ଗୁରୁ ରବିଦାସ ମହାରାଜଙ୍କ ୬୫୦ତମ ଜନ୍ମ ଜୟନ୍ତୀ ବର୍ଷ ଉପଲକ୍ଷେ ୨୯ ଜୁଲାଇ ୨୦୨୬ (ଗୁରୁପୂର୍ଣ୍ଣିମା) ଠାରୁ ୨୦ ଫେବୃଆରୀ ୨୦୨୭ (ଶ୍ରୀ ଗୁରୁ ରବିଦାସ ମହାରାଜ ଜୟନ୍ତୀ) ପର୍ଯ୍ୟନ୍ତ 'ସନ୍ଥ ଶିରୋମଣି ଶ୍ରୀ ଗୁରୁ ରବିଦାସ ମହାରାଜ ସମରସ ସଂକଳ୍ପ ଅଭିଯାନ' ଦେଶବ୍ୟାପୀ ପାଳନ କରାଯିବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ବାଇଧର ମଲ୍ଲିକ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମଲ୍ଲିକ କହିଛନ୍ତି ଯେ, 'ସମରସ ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ ଅବସରରେ ଗତ କାଲି ଭୁବନେଶ୍ୱରସ୍ଥିତ ଶ୍ରୀରାମ ମନ୍ଦିରରେ ସାମୂହିକ ଦୀପ ଦାନ କରାଯିବା ସହ ଓଡିଶାର ପ୍ରତ୍ୟେକ କୋଣଅନୁକୋଣର ମନ୍ଦିର ମାନଙ୍କରେ ଦୀପ ଦାନ କରାଯାଇଅଛି । ଗୁରୁ ରବିଦାସଜୀଙ୍କ ଜନ୍ମସ୍ଥଳୀ ବାରଣାସୀ କାଶୀରୁ ଏହି ଅଭିଯାନର ଶୁଭାରମ୍ଭ ହୋଇଯାଇଅଛି । ତାଙ୍କ ଜନ୍ମସ୍ଥାନ ବାରଣାସୀ କାଶୀରୁ ପବିତ୍ର ମୃତିକାକୁ କଳସରେ ସଂଗ୍ରହ କରାଯାଇ ଦେଶର ବିଭିନ୍ନ ରାଜ୍ୟକୁ ପଠାଯାଇଛି । ଓଡିଶାରୁ ଯାଇଥିବା ପ୍ରତିନିଧିଦଳ ଆସନ୍ତା କାଲି ପବିତ୍ର କଳସକୁ ଆଣି ଭୁବନେଶ୍ୱର ରେଲଷ୍ଟେସନରେ ପହଁଚିବା ପରେ ସେହି ପବିତ୍ର ମୃତିକା ଥିବା କଳସକୁ ଭବ୍ୟ ସ୍ୱାଗତ କରାଯାଇ ଶୋଭାଯାତ୍ରାରେ ଶ୍ରୀରାମ ମନ୍ଦିର ପର୍ଯ୍ୟନ୍ତ ଅଣାଯିବ ।




ସେହିପରି ଆସନ୍ତା ଅଗଷ୍ଟ ୯ ତାରିଖ ଦିନ ଏକ ଭବ୍ୟ ସମାରୋହରେ ଏହି ପବିତ୍ର ମୃତିକା ଥିବା କଳସକୁ କାର୍ଯ୍ୟକର୍ତାମାନଙ୍କ ଜରିଆରେ ବିଜେପିର ୩୭ଟି ସାଂଗଠନିକ ଜିଲ୍ଲାକୁ ୩୭ଟି ପୃଥକ ପୃଥକ ପବିତ୍ର କଳସ ବଂଟନ କରାଯିବ । ଏହାପରେ ପ୍ରତ୍ୟେକ ଜିଲ୍ଲାରେ ମହାସମାରୋହରେ ପ୍ରତ୍ୟେକ ମଣ୍ଡଳ, ପ୍ରତ୍ୟେକ ମଣ୍ଡଳରୁ ପ୍ରତ୍ୟେକ ଗ୍ରାମପଂଚାୟତକୁ ଓ ଗ୍ରାମ ପଂଚାୟତରୁ ପ୍ରତ୍ୟେକ ଗ୍ରାମକୁ ଏହି ପବିତ୍ର କଳସ ବଂଟନ କରାଯିବା ସହ ଯେଉଁଠାରେ ଏହି ପବିତ୍ର ମୃତିକା କଳସ ରଖାଯିବ ଓ ଯେଉଁଠାରେ ପହଁଚିବ ସେହି ସ୍ଥାନରେ ବୃକ୍ଷରୋପଣ କରାଯିବ । ଏହି କାର୍ଯ୍ୟକ୍ରମକୁ ଦଳ ମତ ଜାତି ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସହଯୋଗ କରିବା ପାଇଁ ଶ୍ରୀ ମଲ୍ଲିକ ନିବେଦନ କରିଛନ୍ତି। ସନ୍ଥ ଶିରୋମଣି ଗୁରୁ ଶ୍ରୀ ରବି ଦାସଙ୍କ ଜନ୍ମସ୍ଥାନ ଭଦୋଇ ଜିଲ୍ଲାକୁ ସନ୍ଥ ଶିରୋମଣି ରବି ଦାସଙ୍କ ନାମରେ ଉତରପ୍ରଦେଶର ମୁଖ୍ୟମନ୍ତ୍ରୀ ଶ୍ରୀ ଯୋଗୀ ଆଦିତ୍ୟନାଥ ନାମିତ କରିଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ଆଦିତ୍ୟନାଥଙ୍କୁ ଓଡିଶା ତରଫରୁ ଧନ୍ୟବାଦ ଜଣାଇଛନ୍ତି ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଶ୍ରୀ ବାଇଧର ମଲ୍ଲିକ ।

## ସହରାଞ୍ଚଳରେ ଆଲର୍ଟରେ ନଗର ଉନ୍ନୟନ ବିଭାଗ

**ଭୁବନେଶ୍ୱର,୨।୮ (ମହାଭାରତ):** ରାଜ୍ୟର ବିଭିନ୍ନ ଅଂଚଳରେ, ବିଶେଷକରି ଉତର ଓଡ଼ିଶା ଏବଂ ବାଲେଶ୍ୱର , ଭଦ୍ରକ, ଯାଜପୁର ଆଦି ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟା ଓ ଜଳ ବନ୍ଦି ସ୍ଥିତିର ମୁକାବିଲା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବ୍ୟାପକ ଓ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି । ସହରାଂଚଳରେ ଲୋକଙ୍କ ସୁରକ୍ଷା, ଜଳ ନିଷ୍କାସନ ଏବଂ ଆବଶ୍ୟକ ରିଲିଫ୍ ବ୍ୟବସ୍ଥାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି ବୋଲି ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଡଃ ମହାପାତ୍ର କହିଛନ୍ତି ଯେ ପ୍ରବଳ ବର୍ଷା ଯୋଗୁଁ କେତେକ ସହରାଂଚଳରେ ସ୍ୱାଭାବିକ ଜଳ ନିଷ୍କାସନ ବ୍ୟବସ୍ଥା ଉପରେ ଅତିରିକ୍ତ ଚାପ ସୃଷ୍ଟି ହେବାରୁ ଜଳବନ୍ଦୀ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ସହରାଂଚଳରେ ତୁରନ୍ତ ଜଳ ନିଷ୍କାସନ, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ସହ ସ୍ଥିତି ଉପରେ ୨୪ ଘଂଟିଆ ନଜର ରଖିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନର ପରିସ୍ଥିତିକୁ ଗୁରୁତ୍ୱର ସହ ବିଚାର କରି ନଗର ଉନ୍ନୟନ ବିଭାଗ ଅଧୀନ ସମସ୍ତ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ସମସ୍ତ ଅଧିକାରୀ ୨୪ ଘଂଟିଆ ଆଲର୍ଟରେ ରହିବା ସହ ନିଜ ନିଜ ଅଂଚଳର ସ୍ଥିତି ଉପରେ ନିରନ୍ତର ନଜର ରଖିଛନ୍ତି। ବିଭାଗୀୟ କଂଟ୍ରୋଲ୍ ରୁମ୍ ଜରିଆରେ ବିଭିନ୍ନ ସହରାଂଚଳର ସ୍ଥିତିକୁ ନିୟମିତ ମନିଟରିଂ କରାଯାଉଛି ଏବଂ ଆବଶ୍ୟକତା ଅନୁଯାୟୀ ତୁରନ୍ତ ସହାୟତା ପଠାଯାଉଛି। ଜଳମଗ୍ନ ଅଂଚଳଗୁଡ଼ିକରେ ଅତିରିକ୍ତ ପମ୍ପସେଟ୍ ନିୟୋଜନ କରି ଯୁଦ୍ଧକାଳୀନ ଭିତିରେ ଜଳ ନିଷ୍କାସନ କରାଯାଉଛି । ସହରାଂଚଳର ମୁଖ୍ୟ ରାସ୍ତା, ଆବାସିକ ଅଞ୍ଚଳ ଏବଂ ଅନ୍ୟାନ୍ୟ ଜଳମଗ୍ନ ସ୍ଥାନରୁ ଯଥାଶୀଘ୍ର ପାଣି ହଟାଇବା ପାଇଁ ୟୁଏଲ୍‌ବି ଗୁଡ଼ିକରେ ଆବଶ୍ୟକ ଯନ୍ତ୍ରପାତି ଓ ମାନବ ସମ୍ବଳ ନିୟୋଜନ କରିବାକୁ କୁହାଯାଇଛି ।ଏଥିସହ ଡ୍ରେନ୍, କଲଭର୍ଟ ଓ ଜଳ ନିଷ୍କାସନ ପଥରେ ଯେଉଁଠାରେ ବାଧା ସୃଷ୍ଟି ହୋଇଛି, ସେଗୁଡ଼ିକୁ ତୁରନ୍ତ ସଫା କରିବା ଏବଂ ଜଳ ପ୍ରବାହକୁ ସ୍ୱାଭାବିକ କରିବା ଉପରେ ଗୁରୁତ୍ୱ ଦିଆଯାଉଛି।

## ବେଦାନ୍ତ ସମର୍ଥିତ ଯୁବ ତୀରନ୍ଦାଜ ୩ ସ୍ୱର୍ଣ୍ଣ ପଦକ ଅର୍ଜନ

**ଭୁବନେଶ୍ୱର,୨।୮ (ମହାଭାରତ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ଲାଞ୍ଜିଗଡ଼ରେ ଏହାର କ୍ରୀଡା ତାଲିମ ପ୍ରୋତ୍ସାହନ କାର୍ଯ୍ୟକ୍ରମ ମାଧ୍ୟମରେ କଳାହାଣ୍ଡିରୁ କ୍ରୀଡା ପ୍ରତିଭାର ବିକାଶ ଜାରି ରଖିଛି। ଏହି ପ୍ରତିବଦ୍ଧତାର ପ୍ରଭାବ ପ୍ରଦର୍ଶନ କରି ଯୁବ ତୀରନ୍ଦାଜ ଖିରୋଦ କୁମାର ସିବିଏସ୍‌ଇ ଅଧୀନରେ ଭବାନୀପାଟଣାର ବିକାଶ ଆବାସିକ ବିଦ୍ୟାଳୟ ଦ୍ୱାରା ଆୟୋଜିତ ସିବିଏସ୍‌ଇର ପୂର୍ବାଞ୍ଚଳ ତୀରନ୍ଦାଜୀ ଚାମ୍ପିଅନସିପ୍ ୨୦୨୬ ରେ ୧୯ ବର୍ଷରୁ କମ୍ ଭାରତୀୟ ବର୍ଗରେ ୪୦ ମିଟର ଏବଂ ୩୦ ମିଟର ଇଭେଣ୍ଟରେ ତିନୋଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୧୧ଟି ରାଜ୍ୟର ୪୩୭ ଜଣ ଆଥଲେଟଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରି, କ୍ଷିରୋଦ ଧ୍ୟାନ, ନିର୍ଭୁଲତା ଏବଂ ସ୍ଥିରତା ଦ୍ୱାରା ଚିହ୍ନିତ ଏକ ଚମତ୍କାର ପ୍ରଦର୍ଶନ କରିଥିଲେ, ଯାହା ଚାମ୍ପିଅନସିପର ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବରେ ଉଭା ହୋଇଥିଲେ। କାର୍ଯ୍ୟକ୍ରମର ସଫଳତାକୁ ଆହୁରି ସୁଦୃଢ଼ କରି କ୍ଷିରୋଦ କୁମାର ଏବଂ ଓଙ୍କାର ମାଝୀ ସିବିଏସ୍‌ଇ ଜାତୀୟ ଚାମ୍ପିଅନସିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଉଭୟ ଆଥଲେଟ୍ ଗତ ଚାରି ବର୍ଷ ଧରି ବେଦାନ୍ତ ଆଲୁମିନିୟମର ତୀରନ୍ଦାଜୀ ତାଲିମ କାର୍ଯ୍ୟକ୍ରମ ଅଧୀନରେ ପ୍ରଶିକ୍ଷଣ ନେଉଛନ୍ତି। ଜାତୀୟ ବିଦ୍ୟାଳୟ ତୀରନ୍ଦାଜୀ ଚାମ୍ପିଅନସିପରେ ଦୁଇଟି ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ପଦକ ହାସଲ କରିବା ବ୍ୟତୀତ କ୍ଷିରୋଦ ଜୋନ୍ ସ୍ତରରେ ୧୫ ଟି ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଓଙ୍କାର ରାଜ୍ୟ ତଥା ଜୋନାଲ ସ୍ତରୀୟ ପ୍ରତିଯୋଗିତାରେ ତିନୋଟି ରୌପ୍ୟ ଏବଂ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

## ବନ୍ୟା ପରିସ୍ଥିତି ମୁକାବିଲାରେ ସରକାର ସମ୍ପୂର୍ଣ୍ଣ ବିଫଳ

**ଭୁବନେଶ୍ୱର,୨।୮ (ମହାଭାରତ):** ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ, ବନ୍ୟା ଜଳରେ ଭାସିଯାଇ ୪ ଜଣଙ୍କ ମୃତ୍ୟୁ ହୋଇଥିବା ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ବନ୍ୟା ପରିଚାଳନାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛି ବିଜୁ ଜନତା ଦଳ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବିଧାୟକ ବ୍ୟୋମକେଶ ରାୟ, ଗୌତମବୁଦ୍ଧ ଦାସ ଓ ସଞ୍ଜୀବ ମଲ୍ଲିକ ବନ୍ୟା ପରିଚାଳନା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଚରମ ବିଫଳତାକୁ ବଖାଣିଥିଲେ। ଶ୍ରୀ ବ୍ୟୋମକେଶ ରାୟ କହିଥିଲେ ଯେ, ବର୍ଷା ଜନିତ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଲୋକଙ୍କ ଅବସ୍ଥା ବେହାଲ ହୋଇଥିବା ବେଳେ ରାଜ୍ୟ ସରକାର ପ୍ରଭାବିତ ଲୋକଙ୍କୁ ସାମାନ୍ୟ ସୁବିଧା ପହଞ୍ଚାଇବାରେ ବିଫଳ ହୋଇଛନ୍ତି। ପାଣିପାଗ ବିଭାଗର ପୂର୍ବ ସୂଚନା ଥିଲେ ମଧ୍ୟ, ସରକାରଙ୍କ କୌଣସି ପ୍ରସ୍ତୁତି ନଥିଲା, ଯେଉଁଥି ପାଇଁ ୪ଟି ମୂଲ୍ୟବାନ ଜୀବନ ଯାଇଛି । ବନ୍ୟା



ମୁକାବିଲା କରିବାରେ ବିଫଳ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ବୋଲି ବ୍ୟୋମକେଶ ରାୟ କହିଥିଲେ। ନବୀନ ସରକାରଙ୍କ ସମୟରେ ବିପର୍ଯ୍ୟୟ ପରିଚାଳନା ପାଇଁ ଓଡିଶା ସାରା ବିଶ୍ୱରେ ପ୍ରଶଂସିତ ହୋଇଥିଲା। ନବୀନଙ୍କ ସମୟରେ ପ୍ରତ୍ୟେକ ଜୀବନ ମୂଲ୍ୟବାନ ନୀତି ନିଷ୍ଠାର ସହ କାର୍ଯ୍ୟକାରୀ କରାଯାଉଥିବା ବେଳେ, ଏବେ ପ୍ରତ୍ୟେକ ଘଟଣାରେ ଜୀବନହାନୀ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। କଟକ ବଡ଼ ମେଡ଼ିକାଲରେ ସରକାରଙ୍କ ଅବହେଳା ଯୋଗୁଁ ଅଗ୍ନିକାଣ୍ଡ ଘଟି ୧୩ଟି ମୂଲ୍ୟବାନ ଜୀବନ ଯାଇଥିଲା। ସେହିପରି ରଥଯାତ୍ରାରେ ସରକାରଙ୍କ ଅବହେଳା ପାଇଁ ଚଳିତ ବର୍ଷ ୪ ଜଣଙ୍କ ମୃତ୍ୟୁ ହୋଇଛି। ବିଜେପି ସରକାର କ୍ଷମତାସୀନ ହେବା ପରଠାରୁ ପ୍ରତିବର୍ଷ ରଥଯାତ୍ରାରେ ମୂଲ୍ୟବାନ ଜୀବନ ଯାଉଛି। ଶ୍ରୀ ଗୌତମବୁଦ୍ଧ ଦାସ କହିଥିଲେ ଯେ, ବିପର୍ଯ୍ୟୟ ପରିଚାଳନା କଥା ଉଠିଲେ, ସମଗ୍ର ଦେଶ ଓ ବିଶ୍ୱ ଓଡିଶା ଆଡ଼କୁ ଅନାଏ। ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଜିରୋ କାଜୁଆଲିଟି ନୀତି ସାରା ବିଶ୍ୱ ପାଇଁ ଉଦାହରଣ ହୋଇପାରିଥିଲା। ଜିରୋ କାଜୁଆଲିଟି ନୀତି ପରେ ବର୍ତ୍ତମାନର ସରକାର କାଜୁଆଲ ହୋଇଯାଇଛନ୍ତି, ଯାହା ଫଳରେ ସାଧାରଣ ଲୋକଙ୍କ ମୃତ୍ୟୁ ଏକ ସାଧାରଣ ଘଟଣା ହୋଇଯାଇଛି। ବନ୍ୟା ନିୟନ୍ତ୍ରଣ କରିବା ଦୂରରେ ଥାଉ, ବର୍ଷା ଜଳକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଛନ୍ତି। ସରକାରଙ୍କ ଅପାରଗତା ଜଳ ଜଳ ହୋଇ ଦିଶୁଛି। ଶ୍ରୀ ସଞ୍ଜୀବ ମଲ୍ଲିକ କହିଥିଲେ ଯେ, ବନ୍ୟା ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ସର୍ବନିମ୍ନ ନିତ୍ୟ ଆବଶ୍ୟକୀୟ ଜିନିଷ ପହଞ୍ଚାଇବାରେ ସରକାର ବିଫଳ ହୋଇଛନ୍ତି।

## ନେକ୍ସସ ଏସପ୍ଲାନେଡରେ ବନ୍ଧୁତା ଦିବସ

**ଭୁବନେଶ୍ୱର,୨।୮ (ମହାଭାରତ):** ବନ୍ଧୁତ୍ୱ ଦିବସର ଉତ୍ସାହକୁ ଆହୁରି ସ୍ମରଣୀୟ କରିବା ପାଇଁ ନେକ୍ସସ ଏସପ୍ଲାନେଡ୍ ଆଣିଛି ଏକ ରୋମାଞ୍ଚକର ଫ୍ରେଣ୍ଡସିପ୍ ଲେଜର ଚାଲେଞ୍ଜ। ଆସନ୍ତା ୦୧ ଅଗଷ୍ଟରୁ ୦୯ ଅଗଷ୍ଟ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ବିଶେଷ କାର୍ଯ୍ୟକ୍ରମ ମାଧ୍ୟମରେ ପରିଦର୍ଶକମାନେ ଟିମୱାର୍କ, ବିଶ୍ୱାସ ଏବଂ ଚ଼ପଳତାର ପରୀକ୍ଷା ସହ ଏକ ମଜାଦାର ଅନୁଭୂତିର ଆନନ୍ଦ ନେଇପାରିବେ। ସମସ୍ତ ବୟସବର୍ଗର ବନ୍ଧୁମାନଙ୍କ ପାଇଁ ପ୍ରସ୍ତୁତ ଏହି ଚାଲେଞ୍ଜରେ ଦୁଇଜଣ ଅଂଶଗ୍ରହଣକାରୀ ଏକାଠି ଏହି ଲେଜର ମେଜ୍‌ରେ ଭାଗ ନେବେ। ସେଥିରେ ଜଣେ ବନ୍ଧୁ ଲେଜର ବିମ୍‌ଗୁଡ଼ିକୁ ଏଡ଼ାଇ ଭିତରକୁ ପ୍ରବେଶ କରି ଅନ୍ୟ ବନ୍ଧୁଙ୍କ ପାଇଁ ଏକ ଫ୍ରେଣ୍ଡସିପ୍ ବ୍ୟାଣ୍ଡ ଆଣିବେ, ଯେତେବେଳେ କି ଅନ୍ୟ ଜଣେ ବନ୍ଧୁ ବାହାରେ ଅପେକ୍ଷା କରିଥିବେ। ଏହି ଚାଲେଞ୍ଜକୁ ଉପଭୋଗ କରିବା ପାଇଁ ବ୍ୟକ୍ତିଗତ ଭାବରେ ମଧ୍ୟ ଅଂଶଗ୍ରହଣ କରାଯାଇପାରିବ। ଅଂଶଗ୍ରହଣକାରୀମାନେ ଏକାକୀ କିମ୍ବା ଏକାଠି ହୋଇ ଲେଜର ଆରେନାରେ ପ୍ରବେଶ କରିବେ ତେବେ ଯଦି କୌଣସି ଲେଜର ବିମ୍ ସହିତ ସ୍ପର୍ଶ ହେଲେ ବଜର ବାଜି ଉଠିବ ତେବେ ଖେଳ ସେହିଠାରେ ତୁରନ୍ତ ଶେଷ ହୋଇଯିବ। ଏହି ଚାଲେଞ୍ଜରେ ଅଂଶଗ୍ରହଣ ପାଇଁ ଟିକେଟ ମୂଲ୍ୟ ପ୍ରତି ଟିମ୍ ପାଇଁ ୯୯/-ଟଙ୍କା ଏବଂ ୧୫୯/- ଟଙ୍କା ରଖାଯାଇଛି। ଦୁଇ ସପ୍ତାହ ଧରି ଚାଲିବାକୁ ଥିବା ଏହି ଫ୍ରେଣ୍ଡସିପ୍ ଲେଜର ଚ୍ୟାଲେଞ୍ଜ ବନ୍ଧୁ ଓ ପରିବାରର ସଦସ୍ୟମାନଙ୍କୁ ଏକାଠି ହୋଇ ଏକ ଆନନ୍ଦମୟ ଏବଂ ସ୍ମରଣୀୟ ମୁହୂର୍ତ୍ତ ସୃଷ୍ଟି କରିବାର ସୁଯୋଗ ପ୍ରଦାନ କରିବ।

# ଗଣତନ୍ତ୍ରର ଭିତ୍ତିଭୂମି

କୌଣସି ନିର୍ଦ୍ଦିଷ୍ଟ ବିଭାଗ ବା ଗଣତନ୍ତ୍ରର ଭିତ୍ତିଭୂମିକୁ ଆମେ ସମ୍ପୂର୍ଣ୍ଣ ଦୁର୍ନୀତିଗ୍ରସ୍ତ ବା ଭ୍ରଷ୍ଟାଚାରୀ ବୋଲି କହିପାରିବା ନାହିଁ। କିନ୍ତୁ କେହି ସମ୍ପୂର୍ଣ୍ଣ ସ୍ୱଚ୍ଛ ନୁହଁନ୍ତି। ଆମ ସମ୍ବିଧାନ, ଆଇନର ମୁଖ୍ୟ ଆଧାର ହେଲା ହଜାରେ ଦୋଷୀ ପଛେ ଖସି ଯାଆନ୍ତୁ ଜଣେ ନିର୍ଦ୍ଦୋଷ ଯେପରି ଦଣ୍ଡ ନପାଉ। ଭାରତରେ ଜଣେ ଅଭିଯୁକ୍ତ ଯେ ପର୍ଯ୍ୟନ୍ତ କୋର୍ଟରେ ଦୋଷୀ ସାବ୍ୟସ୍ତ ନହୋଇଛି ସେ ପର୍ଯ୍ୟନ୍ତ ତାଙ୍କୁ ନିର୍ଦ୍ଦୋଷ ବୋଲି ବିଚାର କରାଯିବ। ଆଇନ ବ୍ୟବସ୍ଥାରେ ଥିବା ଏହି ଦୁର୍ବଳତା ବା ଗଳାବାଟର ସୁଯୋଗ ନେଇ ଅନେକ ଜଘନ୍ୟ ଅପରାଧୀ ଖସି ଯାଉଛନ୍ତି। କୋର୍ଟରେ ନିଜକୁ ନିର୍ଦ୍ଦୋଷ ବୋଲି ସାବ୍ୟସ୍ତ କରିବାକୁ ସେମାନେ ସବୁ ପ୍ରକାର ପ୍ରୟାସ କୀରୁଛନ୍ତି। ଅନେକ ସମୟରେ ନ୍ୟାୟିକ ପ୍ରକ୍ରିୟା ଏତେ ବିଳମ୍ବ ହେଉଛି ଯେ, ଏଥିରେ ନ୍ୟାୟର ମାନେ ଆଉ କିଛି ରହୁ ନାହିଁ। ଆଉ ଅନେକ ନିଜ ବୁଦ୍ଧିରେ କୋର୍ଟକୁ ବାଟବଣା କରିବାରେ ମଧ୍ୟ ସଫଳ ହେଉଛନ୍ତି। ନିକଟରେ ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ଯଶୱନ୍ତ ବର୍ମା ଠିକ ଏହି ବାଟରେ ନିଜକୁ ରକ୍ଷା କରିବାର ଉପାୟ ବାଛି ନେଇଛନ୍ତି। ନିଜ ବୁଦ୍ଧି ବଳରେ ସେ ଆଇନକୁ ନିଜ ଇଚ୍ଛାରେ ପରିଚାଳିତ କରିବା ସହ ସୁପ୍ରିମକୋର୍ଟଙ୍କ ମଧ୍ୟ ବିଭ୍ରାନ୍ତ କରିଛନ୍ତି। ଏହାକୁ କହନ୍ତି ଧର୍ମକୁ ଆଖିଠାର। ସେଥିପାଇଁ ଅନେକ କହନ୍ତି ଭାରତରେ ନ୍ୟାୟିକ ବ୍ୟବସ୍ଥା ବିଫଳ ହୋଇଛି, ଏହା ବିଶ୍ୱର ସବୁଠାରୁ ଦୁର୍ବଳ ବିଚାର ବ୍ୟବସ୍ଥା। ଗତ ବର୍ଷ ଜଷ୍ଟିସ ବର୍ମା ଦିଲ୍ଲୀ ହାଇକୋର୍ଟର ବିଚାରପତି ଥିବା ବେଳେ ତାଙ୍କ ଘରୁ ପୁଳା ପୁଳା ଅଧାପୋଡ଼ା ଟଙ୍କା ମିଳିଲା। ଏହା ସମ୍ପୂର୍ଣ୍ଣ ଭାବେ ହିସାବ ବହିର୍ଭୂତ ସମ୍ପତ୍ତି ଥିଲା। ଅଧାପୋଡ଼ା ଟଙ୍କା ଯେ କଳା ଟଙ୍କା ଥିଲା, ସେଥିରେ ସନ୍ଦେହ ନାହିଁ। ଏହି ପରିସ୍ଥିତିରେ ଜଷ୍ଟିସ ବର୍ମାଙ୍କୁ ଗିରଫ କରାଯିବା ପରିବର୍ତ୍ତେ ତାଙ୍କୁ ଦିଲ୍ଲୀରୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରାଗଲା। ଏହା ଥିଲା ଚୋରକୁ ପୁରସ୍କାର ଭଳି। ଆଜିକୁ ବର୍ଷେ ହେବ ସେ ବିନା କାମରେ ଦରମା ନେଉଥିଲେ। ତାଙ୍କ ବିରୋଧରେ ତଦନ୍ତ କମିଟି ଗଠନ କରାଗଲା। ତଦନ୍ତ କମିଟି ଆଗରେ ଯେଉଁଦିନ ଜଷ୍ଟିସ ବର୍ମା ହାଜର ହେବା କଥା, ଠିକ ତା ପୂର୍ବଦିନ ସେ ତାଙ୍କ ପଦରୁ ଇସ୍ତଫା ଦେଲେ। ଏହା ଫଳରେ ତାଙ୍କ ବିରୋଧରେ ସଂସଦରେ ଆଗତ ମହାଭିଯୋଗ ଉପରେ ଆଲୋଚନା ହୋଇପାରିବନି। ତାଙ୍କୁ ସମସ୍ତ ପ୍ରକାର ଅବସରକାଳୀନ ସୁବିଧା ସୁଯୋଗ ମିଳିବ। ବାସ୍ତବରେ ଜଷ୍ଟିସ ବର୍ମାଙ୍କ ଇସ୍ତଫା ଗ୍ରହଣ ନକରି ତାଙ୍କୁ ଚାକିରୀରୁ ସସପେଣ୍ଡ କରିବାର ଥିଲା। ଜଣେ ସାଧାରଣ ସରକାରୀ କର୍ମଚାରୀଙ୍କ ଘରୁ ଯଦି ଏତେ ପରିମାଣର ହିସାବ ବହିର୍ଭୂତ ଟଙ୍କା ମିଳିଥାଆନ୍ତା ତେବେ କ'ଣ ତାଙ୍କୁ ଏପରି ଆରାମରେ ଜୀବନ କାଟିବାକୁ, ବିନା କାମରେ ଦରମା ନେବାକୁ ସୁଯୋଗ ଭ ମିଳିଥାଆନ୍ତା ? କେବେ ନୁହେଁ। ତେଣୁ ଭାରତରେ ଆଇନ ସମସ୍ତଙ୍କ ପାଇଁ ସମାନ ବୋଲି କହିବା ଭୁଲ। ଏହା ଏକ ଅବାସ୍ତବ ପରିକଳ୍ପନା ମାତ୍ର। ଏଠାରେ ସରକାରଙ୍କ ଭୂମିକା ନେଇ ମଧ୍ୟ ପ୍ରଶ୍ନ ଉଠିବା ସ୍ୱାଭାବିକ। ବର୍ଷେ ହେଲାଣି ଜଷ୍ଟିସ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଉପରେ କାହିଁକି ଚର୍ଚ୍ଚା ହେଲା ନାହିଁ ? ଏହାର ଜବାବ ସଂସଦୀୟ ବ୍ୟାପାର ମନ୍ତ୍ରୀ ଦେବା ଉଚିତ। ଜଷ୍ଟିସ ବର୍ମାଙ୍କ ବିରୋଧରେ ହେଉଁ ଗୁରୁତର ଅଭିଯୋଗ ରହିଛି ତାହାର ବିଚାର ଯୁଦ୍ଧକାଳୀନ ଭିତ୍ତିରେ ହେବା ଉଚିତ। ତାଙ୍କ ଦୁର୍ନୀତି ଦ୍ୱାରା ଅନେକ ନିର୍ଦ୍ଦୋଷ ଦଣ୍ଡ ପାଇଥାଇପାରନ୍ତି, ଅନେକ ଦୋଷୀ ଖସି ଯାଇଥାଇପାରନ୍ତି। ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଅତି ଜଘନ୍ୟ। ଏହାର ବିଚାର ଫାଷ୍ଟଟ୍ରାକ କୋର୍ଟରେ ହେବା ଉଚିତ। ତାଙ୍କୁ ଜଣେ ଦେଶଦ୍ରୋହୀ ଭାବେ ବିଚାର କରାଯିବା ଉଚିତ। ଏଥିଲାଗି ଆବଶ୍ୟକ ପଡ଼ିଲେ ସମ୍ବିଧାନ ସଂଶୋଧନ କରାଯିବା ଉଚିତ। ଯିଏ ଯେତେ ଅଧିକ କ୍ଷମତାଶାଳି ତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ସେତେ ଗମ୍ଭୀରତାର ସହ ବିଚାର କରାଯିବା ଉଚିତ ଏବଂ ଏହାର ତ୍ୱରିତ ବିଚାର ହେବା ଉଚିତ।

# କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା

॥ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥

*ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ।*

ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢୁଛି। ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମଧ୍ୟ ବୃଦ୍ଧି ପାଉଛି। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ସୂଚିତ ହୋଇଛି ଯେ ପ୍ରତି ବର୍ଷ ବିଶ୍ୱରେ ୧ ଲକ୍ଷ ୫୦ ହଜାର କ୍ୟାନସର ପୀଡ଼ିତ ପିଲାଙ୍କ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୮୦ ପ୍ରତିଶତ ପିଲା ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନଯାପନ କରିପାରୁଛନ୍ତି। ତେବେ ଆର୍ଥିକ ଅନଗ୍ରସର ପିଲା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଯାହାଦ୍ୱାରା ପାଖାପାଖି ୯୦ ପ୍ରତିଶତରୁ ଅଧିକ ପିଲା ମୃତ୍ୟୁମୁଖରେ ପଡ଼ନ୍ତି। ଭାରତରେ ପ୍ରତିବର୍ଷ ୫୦ ହଜାର ନୂଆ କ୍ୟାନସର ଶିଶୁରୋଗୀ ଚିହ୍ନଟ ହେଉଛନ୍ତି। ଏମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପ୍ରତ୍ୟେକ କ୍ୟାନସର ପୀଡ଼ିତ ଶିଶୁ ଓ ବୟସ୍କଙ୍କୁ ସର୍ବୋତ୍ତମ ଓ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି। କ୍ୟାନସର ଚିକିତ୍ସା ଓ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ୧୫ ଫେବୃଆରୀ ତାରିଖରେ ପିଲାଙ୍କ ପାଇଁ ଆନ୍ତର୍ଜାତିକ ଚାଇଲ୍ଡ ହୁଡ୍ କ୍ୟାନସର ଦିବସ ପାଳିତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେତେକ ସାମାଜିକ ଓ ସେବାଭିମୁଖୀ ସଂଗଠନର ମିଳିତ ସହଯୋଗରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା, ଉତ୍ତମ ଚିକିତ୍ସା ଯୋଗାଇବା ଓ ପିଲାଙ୍କ ସହିତ ତାଙ୍କ ପରିବାରକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାର କାର୍ଯ୍ୟକ୍ରମର ସାମିଲ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ବର୍ଷକୁ ବର୍ଷ ପିଲାଙ୍କ ଠାରେ କ୍ୟାନସରର ସମସ୍ୟା ବଢ଼ିବାରେ ଲାଗିଛି। ଯାହାପାଇଁ ସଚେତନତା ନିହାତି ଜରୁରୀ। ପ୍ରାଥମିକ ଚିକିତ୍ସାରୁ ପିଲାଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଅନ୍ୟ ମାନଙ୍କପରି ସାଧାରଣ ଜୀବନ ଯାପନ କରିପାରିବ।

ସାଧାରଣରେ ପିଲାଙ୍କ ଠାରେ ଦେଖା ଦେଉଥିବା କ୍ୟାନସର ଗୁଡ଼ିକ ଭିତରେ ଯେଉଁ ପ୍ରକାର ଭେଦ ରହିଛି ତାହା ଆସନ୍ତୁ ଜାଣିବା। ଅଧିକ ଭାବରେ ପିଲା ବ୍ଲଡ଼ କ୍ୟାନସରରେ ଶିକାର ହୋଇଥାନ୍ତି ଯାହାକି ହ୍ୱାଇଟ ରକ୍ତଶ୍ୱେତକୁ ପ୍ରଭାବିତ କରିବା ସହ ଶରୀରର ବିଭିନ୍ନ ସୁସ୍ଥ କୋଷକୁ ଆକ୍ରାନ୍ତ କରିଥାଏ। ଅନ୍ୟ କୌଣସି ବଡ଼ ରୋଗ ହୋଇଥିବା ସମୟରେ ସଂକ୍ରମଣ ହେଲେ ଏହା ରୋକ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାରୁ ଏହି କ୍ୟାନସର ହୋଇଥାଏ। ଏହାକୁ ଆକ୍ୟୁଟ ଲ୍ୟୁକେମିଆ ବା ବ୍ଲଡକ୍ୟାନସର କୁହାଯାଏ। ସେହିପରି ଦ୍ୱିତୀୟଟି ହେଉଛି ବ୍ରେନ୍ ଟ୍ୟୁମର। ଏହାଦ୍ୱାରା କ୍ୟାନସର ଜୀବାଣୁ ଅଧିକ ଭାବରେ ସକ୍ରିୟ ହୋଇ ସନ୍ନିକଟ କୋଷକୁ ପ୍ରଭାବିତ କରି ପିଲାଟିର ଜୀବନ ପ୍ରତି ସଂକଟ ସୃଷ୍ଟି କରିଥାଏ। ବୟସ୍କଙ୍କ ତୁଳନାରେ ଅଧିକ ଦେଖାଦେଉଥିବା କ୍ୟାନସର ହେଉଛି କିଡ଼ନୀ କ୍ୟାନସର। ତେବେ ଏହା ଖୁବ୍ କମ୍ ଭାବରେ ଦେଖାଯାଏ। ସେହିପରି ଛୋଟ ପିଲା ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାର ବୟସରେ ଦେଖାଯାଉଥିବା ଆଖିର ଟ୍ୟୁମର ଦ୍ୱାରା ଆଇ ଟ୍ୟୁମର କ୍ୟାନସର ଦେଖାଯାଏ। ଏହା ସହଜରେ ଚିକିତ୍ସା ହୋଇପାରେ। ତେବେ ସଠିକ ସମୟରେ ଚିକିତ୍ସା ନହୋଇପାରିଲେ ପିଲାଟିର ଅନ୍ୟ ସୁସ୍ଥ ଅଙ୍ଗକୁ ବ୍ୟାପି ଯାଏ।

ପିଲାଟି କୌଣସି ରୋଗରେ ଦୀର୍ଘଦିନ ଧରି ଆକ୍ରାନ୍ତ ହେଲେ ସେ ତାର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇଥାଏ। ଯାହାଦ୍ୱାରା ସଂକ୍ରମଣ ହୋଇ ବ୍ଲଡ଼ କ୍ୟାନସରର ଶିକାର ହୋଇଥାଏ। ସେହିପରି ପିଲାଟି କୌଣସି ରୋଗରେ ଅଧିକ ରାଡିଏସନ୍ ନେଇଥିଲେ ଏହି ରୋଗର ଆଶଙ୍କା ଦେଖାଯାଏ। ଏହାବ୍ୟତୀତ ଜେନେଟିକ୍ ମଧ ଅନ୍ୟ ଏକ କାରଣ। ଜନ୍ମ ସମୟରୁ ପିଲାଟି ମା'ଜିନ୍‌ରୁ ଏହି ଜୀବାଣୁ ତା ଦେହରେ ଦେଖାଯାଏ। ପିଲାମାନଙ୍କର କ୍ୟାନସରର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି କୌଣସି କାରଣ ନଥାଇ ମଧ ଦୁଇ ସପ୍ତାହରୁ ଅଧିକ ଦିନ ଅସୁସ୍ଥ ରହିବା। ଶରୀରର କୌଣସି ଅଙ୍ଗରେ ଆବୁପରି ଦେଖାଯିବା। ତାର ଆଖି ଡୋଳାରେ ଧଳା ଚିହ୍ନ ମାଡିଯିବା ଓ ଅସୁସ୍ଥତା ବା ଥକ୍କା ଅନୁଭବ କରିବା। ପିଲାଟିକୁ ଜ୍ୱର ଲାଗିରହିବା ଓ ଉଦ୍‌ବେଗଜନକ ଭାବେ ଓଜନ କମିଯିବା।

ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ଚୁଟି ଉପୁଡିଯିବା ସହ ଯନ୍ତ୍ରଣା ପାଇଥାଏ। ବେଳେ ବେଳେ ତାହାର ଖପୁରୀ ସମ୍ବେଦନଶୀଳର ଶିକାର ହୋଇଥାଏ, ରକ୍ତହୀନତା ସହ ରକ୍ତ ଜମାଟ ବାନ୍ଧିଯାଏ ଓ ପରିସ୍ରାନଳୀ ମଧ ତାର ସଂକ୍ରମଣ ଶିକାର ପରି ସମସ୍ୟା ସମ୍ମୁଖୀନ ହୋଇଥାଏ। ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଇନଥାଏ। ଆଉ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ରାଡ଼ିଏସନ୍ ଏକ୍ସରେ ମାଧ୍ୟମରେ ଚାପ ଦ୍ୱାରା ପିଲାଟିର ଟ୍ୟୁମରକୁ ଛୋଟ କରି ନଷ୍ଟ କରି ଦିଆଯାଇଥାଏ। ଏହା କେମୋ ଥେରାପି ଓ ଅସ୍ତ୍ରୋପଚାର ପୂର୍ବରୁ ଦିଆଯାଇଥାଏ। ରାଡ଼ିଏସନ୍ ଓ କେମୋ ଥେରାପି ଦ୍ୱାରା ପିଲାଟିର ସୁସ୍ଥ କୋଷ ଉପରେ କୌଣସି ପ୍ରଭାବ ପଡ଼ିନଥାଏ ଏହା କେବଳ କ୍ୟାନସର କୋଷକୁ ନଷ୍ଟ କରେ। ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ କେମୋଥେରାପି ଠାରୁ ବହୁତ କମ୍ ହେଲେ ଏହା ପିଲାର ଫୁସ୍‌ଫୁସ୍‌କୁ ସାମାନ୍ୟ ଭାବେ ଦୁର୍ବଳ କରେ। ସେହିପରି କେତେକ କ୍ଷେତ୍ରରେ ଅସ୍ତ୍ରପଚାର ଦ୍ୱାରା ପିଲାମାନଙ୍କର କ୍ୟାନସର ଚିକିତ୍ସା କରାଯାଏ। ପିଲାମାନଙ୍କ ଠାରେ ରକ୍ତକର୍କଟ ପ୍ରାୟତଃ ଦେଖାଯାଏ। ଏହା ବ୍ୟତୀତ ମସ୍ତିଷ୍କ କର୍କଟ, ଲିମ୍ଫୋମା, ବୃକକ୍‌ର କର୍କଟ, ରେଟିନୋବ୍ଲାଷ୍ଟୋମା ଓ ନ୍ୟୁରୋବ୍ଲାଷ୍ଟୋମା ମଧ ଶିଶୁମାନଙ୍କର ଅନ୍ୟତମ ପ୍ରମୁଖ କର୍କଟ ରୋଗ। ହେଲେ ଏସବୁ ଗୁଡ଼ିକ ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ। ସଠିକ୍ ସମୟରେ ଶିଶୁ ଠାରେ କର୍କଟ ଚିହ୍ନଟ ହେଲେ ଏହା ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ।

ପିଲାମାନଙ୍କ ଠାରେ କ୍ୟାନସର କୋଷ ଅଧିକ ସକ୍ରିୟ ରହିଥାଏ। ହେଲେ ପ୍ରାଥମିକ ଓ ଉପଯୁକ୍ତ ଭାବେ ଚିକିତ୍ସା କରାଗଲେ ପିଲାଟି ଶୀଘ୍ର ରୋଗମୁକ୍ତ ହୋଇଥାଏ। ବଡ଼ମାନଙ୍କ କ୍ଷେତ୍ରରେ କ୍ରୋନିକ୍ ଲ୍ୟୁକିମିଆ ବା ଆସ୍ତେ ଆସ୍ତେ ପ୍ରଭାବ ଦେଖାଯାଉଥିବା ବ୍ଲଡ କ୍ୟାନସର ହେଉଥିବାବେଳେ ପିଲାମାନଙ୍କ ଠାରେ ଏକ୍ୟୁଟ୍ ଲ୍ୟୁକିମିଆ ବା ଅଧିକ ଗତିରେ ପ୍ରଭାବ ବିସ୍ତାର କରୁଥିବା ବ୍ଲଡ଼ କ୍ୟାନସର ହୋଇଥାଏ। ପିଲାମାନଙ୍କର ବ୍ଲଡ଼ କ୍ୟାନସରର ସମ୍ପୂର୍ଣ୍ଣ ଓ ସଫଳ ଚିକିତ୍ସା ପାଇଁ ପାଖାପାଖି ତିନିବର୍ଷ ଲାଗୁଥିବାବେଳେ ପିଲାଟି ଚିକିତ୍ସା ପରେ ବର୍ଷେ ପାଖାପାଖି ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ। ବୟସ୍କଙ୍କ ତୁଳନାରେ ପିଲାମାନଙ୍କ କ୍ୟାନସର ଚିକିତ୍ସାରେ କମ୍ ଖର୍ଚ୍ଚ ପଡ଼ିଥାଏ। ଚିକିତ୍ସା ବେଳେ ଯେପରି ପିଲାଟି ପାର୍ଶ୍ୱପ୍ରତିକ୍ରିୟାର ଶିକାର ନହୁଏ ସେ କ୍ଷେତ୍ରରେ ସତର୍କତା ଜରୁରୀ। ଚିକିତ୍ସା ପରେ ପିଲାଟି ନିଶ୍ଚିନ୍ତ ସାଧାରଣ ଜୀବନଯାପନ କରିଥାଏ। ହେଲେ ସୁସ୍ଥ ହେବାପରେ ଚିକିତ୍ସକଙ୍କ ନିୟମିତ ଓ ଯୋଜନାବଦ୍ଧ ପରାମର୍ଶ ଆବଶ୍ୟକୀୟ। କେତେକ କ୍ଷେତ୍ରରେ ପିଲାଟି ମା'ବାପା କିମ୍ବା ଜିନ୍‌ଗତ ସମସ୍ୟା ପାଇଁ ଏହାର ଶିକାର ହୋଇଥାଏ। ମନେରଖନ୍ତୁ ଭଗବାନଙ୍କ ସୃଷ୍ଟିରେ ପିଲାଟି ଜଣେ ଅମୃତ ଓ ଆଗାମୀ ଭବିଷ୍ୟତର ସ୍ୱର୍ଣ୍ଣିମ ସୃଷ୍ଟି। ସେଥିପାଇଁ ପିଲାଙ୍କୁ ଦେବଶିଶୁ କୁହାଯାଏ। ଭାରତୀୟ ଆଧାତ୍ମିକ ବିଶ୍ୱାସ ରହେ ଯେ, ଭଗବାନଙ୍କର କଲ୍ୟାଣ ପିଲାମାନଙ୍କ ଠାରେ ସର୍ବଦା ରହିଥାଏ। କ୍ୟାନସର କଥା ଶୁଣିବା ମାତ୍ରେ ପିଲାଟିର ବାପାମା ବା ଅଭିଭାବକମାନେ ଅତ୍ୟଧିକ ଭୟଭୀତ ହୋଇଯାଆନ୍ତି ଯାହାଦ୍ୱାରା ପିଲାଟି ମଧ ମାନସିକ ଭାବରେ ଗୁରୁତର ଅଧୈର୍ଯ୍ୟତାର ଶିକାର ହୋଇଥାଏ। ଏ କ୍ଷେତ୍ରରେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ତଥା ଚିକିତ୍ସକଙ୍କ ପରାମର୍ଶ ଓ ତତ୍ତ୍ୱାବଧାନକୁ ପାଥେୟ କରି ଭାଙ୍ଗି ପଡ଼ନ୍ତୁନାହିଁ। ପ୍ରାଥମିକ ସମୟରୁ ଚିକିତ୍ସା ଜାରି ରଖନ୍ତୁ। ମନେରଖନ୍ତୁ ସରକାର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥାର୍ଥ ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ପ୍ରଦାନ କରି ପିଲାମାନଙ୍କ ଠାରୁ କ୍ୟାନସରକୁ ରୋଗମୁକ୍ତ କରିବାପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ସରକାରୀ ସୁବିଧାର ସୁଯୋଗ ନିଅନ୍ତୁ, ଧୈର୍ଯ୍ୟହରା ନହୋଇ ପ୍ରାଥମିକ ଅବସ୍ଥାରୁ ଦୃଢ଼ ମାନସିକତାର ସହ ପରିସ୍ଥିତିକୁ ସମ୍ମୁଖୀନ ହୋଇ ପିଲାଟିକୁ ହିଁ ବିଶ୍ୱାସ ଓ ଭରଷା ଦିଅନ୍ତୁ। ଦେଖିବେ ଆପଣଙ୍କ ପିଲାଟି ରୋଗମୁକ୍ତ ହୋଇ କ୍ୟାନସର ବିଜୟୀ ହେବାସହ ନୂଆ ଜୀବନଯାପନ କରିପାରିବ।

**ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,**
**ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,**
**ଦୂରଭାଷ : ୯୪୩୭୧୨୪୦୭୪**

# ପ୍ରେମର ଅନୁଶୀଳନ

॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥

ଅତି ଦୁଃଖର କଥା ଯେ ଏହି ଦେଶ, ଯେଉଁଠି ମନୁଷ୍ୟର ଦିବ୍ୟତ୍ୱ ଏବଂ ସେହି ଦିବ୍ୟତ୍ୱର ପୁନଃ ପ୍ରାପ୍ତି ଉପାୟ ଆବିଷ୍କୃତ ହୋଇଥିଲା, ଯେଉଁ ଦେଶରେ ମୁନିଋଷିମାନଙ୍କର ଅବିରତ ପ୍ରବାହ ମନୁଷ୍ୟକୁ ଭଗବତ ଅଭିମୁଖୀ ଯାତ୍ରାରେ ତାହାର ଭୂମିକା ସ୍ମରଣ କରାଇ ଦେଇଆସିଛି, ସେହି ଦେଶରେ ଲୋକମାନେ ଶିକ୍ଷାର ଅଧଃପତନ ଏବଂ ଅଭ୍ୟାସର ମଳିନତା ପାଇଁ ସୁଯୋଗ ଦେଉଅଛନ୍ତି। ଏହି ମଧୁର ଜ୍ଞାନରେ ସିକ୍ତ ହୃଦୟ ବିଷ ପାତ୍ରରେ ପରିଣତ ହୋଇଅଛି। ଘୃଣା ସେମାନଙ୍କୁ କଠୋର କରି ଦେଉଛି, ଲୋଭ ସେମାନଙ୍କୁ ଧୂର୍ତ୍ତ କରି ଦେଇଛି; ଗର୍ବ ସେମାନଙ୍କୁ କଳୁଷିତ କରିଛି। ପୁନର୍ବାର ତା ଭିତରେ ଅନ୍ତର୍ନିହିତ ଆନନ୍ଦର ଝରଣା ସମ୍ପର୍କରେ ମନୁଷ୍ୟକୁ ସଚେତନ କରାଇବାକୁ ପଡ଼ିବ, ଯଦ୍ୱାରା ସେସୁଖୀ ହୋଇ ପାରିବ ଏବଂ ଉତ୍‌କଣ୍ଠାରେ ଉତ୍ତୋଜିତ ହେବନାହିଁ। ମାନବୀୟ ଆଦର୍ଶରେ ଏତେ ଅଧଃପତନ ଘଟିଛି ଯେ ମନୁଷ୍ୟ ଅବତାରମାନଙ୍କର ସୌନ୍ଦର୍ଯ୍ୟ, ଜ୍ଞାନ ଓ ଶକ୍ତିକୁ ଚିହ୍ନିବା ପାଇଁ ଅସମର୍ଥ ହୋଇପଡ଼ିଛି। ସେମାନେ ନିଜେ ଅଂଶ ବିଶେଷ ହୋଇ ଥିବା ଗୌରବ ଓ ଐଶ୍ୱର୍ଯ୍ୟର ସହଜାତ ଅନୁଭୂତି ପାଇଁ ଅଭିଳାଷ କରୁନାହାନ୍ତି। ଅନାଦି ଓ ଅନନ୍ତ ଶକ୍ତି ଭଗବାନଙ୍କ ଚିନ୍ତନରୁ ପ୍ରବାହିତ ଆନନ୍ଦର ଧାରାରେ ସେମାନେ ନିଜକୁ ହଜାଇ ଦେଉନାହାଁନ୍ତି' – ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଦିବ୍ୟସମ୍ଭାଷଣରେ ଉପରୋକ୍ତ ବାଣୀ ଗୁଡ଼ିକ ଆମ ପାଇଁ ପ୍ରଦାନ କରିବା ସହ ଏହା ମଧ କହିଛନ୍ତି ଆଜି ଆମେ କୃଷ୍ଣଙ୍କର ଜନ୍ମଦିନ ପାଳନ କରୁଛେ। ଏହାକୁ ସେହି ଆନନ୍ଦର ପ୍ରାପ୍ତି ନିମନ୍ତେ ତୁମ ଜୀବନକୁ ପୁନଃ ଉତ୍ସର୍ଗୀକୃତ କରିବାରେ ସଦୁପଯୋଗ କର। କୃଷ୍ଣ ଶବ୍ଦର ତିନୋଟି ପୃଥକ୍ ଅର୍ଥ ଅଛି। (୧) 'କର୍ଷେ' ଧାତୁରୁ ଏହି ଶବ୍ଦର ବ୍ୟୁତ୍ପତ୍ତି ହୋଇଛି। ଏହାର ଅର୍ଥ ଯାହା ଆକର୍ଷଣ କରେ। କୃଷ୍ଣ ତାଙ୍କର ଲୀଳା ଖେଳା, ଆସୁରିକ ଶକ୍ତି ଉପରେ ଅଲୌକିକ ବିଜୟ, ମନମୁଗ୍ଧକାରୀ ବାର୍ତ୍ତାଳାପ ତାଙ୍କର ଜ୍ଞାନ, ତାଙ୍କର ମୋହନୀୟ ରୂପ ବଳରେ ସମସ୍ତ ହୃଦୟକୁ ଆକର୍ଷଣ କରନ୍ତି। (୨) ଏହି ଶବ୍ଦ 'କୃଷ୍' ସହିତ ମଧ ସମ୍ବନ୍ଧିତ। ଏହାର ଅର୍ଥ ଶସ୍ୟ ଉତ୍ପାଦନ ନିମନ୍ତେ ଭୂମିକୁ କର୍ଷଣ କରିବା। କୃଷ୍ଣ ଶବ୍ଦର ଅର୍ଥ ଯାହା ମନୁଷ୍ୟର ହୃଦୟରୁ ଅନାବରା ଗଛ ସଫାକରେ ଏବଂ ବିଶ୍ୱାସ, ସାହସ ଓ ଆନନ୍ଦର ବୀଜ ବପନ କରେ। (୩) ଏହା 'କୃଷ୍' ଧାତୁ ଅର୍ଥାତ୍ ତିନିଗୁଣ ଓ ତିନିକାଳର ଅତୀତ, ସହିତ ମଧ ସମ୍ବନ୍ଧିତ। 'ନ' ଅର୍ଥ ସତ୍-ଚିତ୍-ଆନନ୍ଦ। ଭାଗବତରେ ବର୍ଣ୍ଣିତ ହୋଇଛି ଯେ କୃଷ୍ଣ ତାଙ୍କର ଲୀଳା ଓ ମହିମା ବଳରେ ମାନବ ଜାତିର ପ୍ରେମକୁ ଆକର୍ଷଣ କରନ୍ତି, ତାଙ୍କର ଭକ୍ତମାନଙ୍କ ହୃଦୟରେ ଆନନ୍ଦର ଫସଲ ଉତ୍ପାଦନ କରନ୍ତି ଏବଂ ତାଙ୍କ ସତ୍-ଚିତ୍-ଆନନ୍ଦ ଭାବ ସମ୍ବନ୍ଧରେ ସେମାନଙ୍କୁ ଅବଗତ କରନ୍ତି।'

ଆମେମାନେ ଭାଗ୍ୟବାନ। କାରଣ, ଆମେ ଭଗବାନଙ୍କ ଶକ୍ତିର ଅନେକ ଅଭିବ୍ୟକ୍ତି ଦେଖି ଅଛୁ। କିନ୍ତୁ ସେଗୁଡ଼ିକ ଅଭିବ୍ୟକ୍ତ ହେବାକୁ ଥିବାରୁ ଅଭିବ୍ୟକ୍ତ ହୋଇଅଛି; ଭଗବାନଙ୍କ ଏହା ପ୍ରତିଭାର ପ୍ରଦର୍ଶନ ନୁହେଁ ବା ପେଷାଦାରୀ ଯୋଗସୂତ୍ର ପ୍ରତିଷ୍ଠା ନିମନ୍ତେ ନୁହେଁ। ଇଚ୍ଛାଶକ୍ତିର ଆବଶ୍ୟକତା ପଡ଼ିଲେ ସେ ଗୁଡ଼ିକ ସ୍ୱାଭାବିକ ଭାବେ ଅଭିବ୍ୟକ୍ତ ହୁଏ, ଆପେ ଆପେ ଅନ୍ୟ ଶାରୀରିକ କାର୍ଯ୍ୟ ପରି। ବାବା ଆହୁରି ମଧ କହିଛନ୍ତି 'ମୁଁ ସତ୍ୟର ସତ୍ୟ, ମୁଁ ସତ୍ୟ ଆଡ଼କୁ ଦିଗ ଦର୍ଶନ କରାଏ। ମୁଁ ସତ୍ୟ ପରିପ୍ରକାଶ କରେ ମନୁଷ୍ୟ ଯେତେବେଳେ ସତ୍ୟର ଉପଲବ୍ଧି କରେ ସେ ମୋତେ ଉପଲବ୍ଧି କରେ। ରସୋ ବୈସଃ। ସେ ହିଁ ରସ। ସେହିପରି ତାଙ୍କର ସୃଷ୍ଟି, ଜଗତକୁ ଯେଉଁମାନେ ତାଙ୍କର ହସ୍ତକର୍ମ ରୂପେ ଗ୍ରହଣ କରନ୍ତି, ସେମାନଙ୍କ ପାଇଁ ବିଶ୍ୱ ରସ ବିନା ଆଉ କିଛି ହୋଇନପାରେ। ଭଗବାନଙ୍କର ଐଶ୍ୱର୍ଯ୍ୟ ଓ ଶକ୍ତି ସମ୍ବନ୍ଧରେ ଶିକ୍ଷା ଦେବା ପାଇଁ ଜଗତକୁ ପ୍ରୟୋଗ କରିବାକୁ ହେବ। ଏହାଦ୍ୱାରା ତୁମେ ତାଙ୍କର ଅନ୍ୱେଷଣ କରି ପାରିବ ଓ ତାଙ୍କ ପାଖରେ ପହଞ୍ଚିପାରିବ। ଏହି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଚାରୋଟି ସୋପାନ ଅଛି। ପ୍ରତ୍ୟେକକୁ ଲୋକ ବୋଲି କୁହାଯାଏ। ପ୍ରଥମଟି ଅବିଦ୍ୟା ଲୋକ। ଏହି ଅଜ୍ଞାନ ଓ ମୋହ ଲୋକରେ ଦୁଃଖ ଓ ସନ୍ତାପ ଦ୍ୱାରା ପ୍ରେରିତ ହୋଇ ତୁମେ ଯାତ୍ରା ଆରମ୍ଭ କରିଥାଅ। ଦ୍ୱିତୀୟଟି ବିଦ୍ୟାଲୋକ। ଏଠାରେ ତୁମେ ବିଜ୍ଞାନମୟ କୋଷେ ଉପରେ ଅଭିନିବେଶ କର ଏବଂ ସତ୍ୟ ଓ ମିଥ୍ୟା, ଧାନ ଓ ଅଗାଡ଼ି ଭିତରେ ପ୍ରଭେଦ କରିବାକୁ ସମର୍ଥ ହୁଏ। ତୃତୀୟଟି ଆନନ୍ଦ ଲୋକ। ଏଠାରେ ତୁମେ ଶକ୍ତି ଓ ଶାନ୍ତିର ଚିରନ୍ତନ ଉତ୍ସଙ୍କର ଝଲକ ପାଇ ଆନନ୍ଦରେ ନିମଜ୍ଜିତ ହୁଏ। ଶେଷରେ ଗୋଲୋକ। ଏଠାରେ ଗୋପାଳ ଶାସନ କରନ୍ତି। ଏଠାରେ ସମସ୍ତେ ଗୋ (ଜୀବ, ଦିବ୍ୟତ୍ୱର ସ୍ଫୁଲିଙ୍ଗ, ପ୍ରେମ ସାଗରର ତରଙ୍ଗ) ଅତ୍ୟୁଲ୍ଲାସ ଓ ଅତି ଔଜ୍ଜଲ୍ୟ ସ୍ଥିତିରେ ଏକ ହୁଅନ୍ତି। ତୁମ ପାଖରେ ପ୍ରେମ ନଥିଲେ ତୁମେ ଭଗବତ୍ ପ୍ରେମୀ ମାନଙ୍କ ସହିତ ସମ୍ପର୍କ ସ୍ଥାପନ କରି ପାରିବନାହିଁ। କେବଳ ବାହ୍ୟାଚାରର ନିର୍ଭୁଲ ପାଳନ, ଆଡ଼ମ୍ବର ପୂର୍ଣ୍ଣ ଅର୍ଚ୍ଚନା ବା ଉଚ୍ଚସ୍ୱରରେ ଜୟଧ୍ୱନି କଲେ ଗୋଲୋକର ଫାଟକରେ ତୁମେ ପ୍ରବେଶ କରି ପାରିବନାହିଁ। ଏଗୁଡ଼ିକ ପ୍ରେମର ରତ୍ନ ସିନ୍ଧୁକ ଆଗରେ ଟିଣ ଡବା ସଦୃଶ। ପ୍ରେମ ଜନ୍ମରୁ ଅମରତ୍ୱ ଆଡ଼କୁ ଏବଂ ମୃତ୍ୟୁରୁ ଅଜାତତ୍ୱ ଆଡ଼କୁ ଯିବା ପାଇଁ ସେତୁ ସଦୃଶ। ତୁମେ ଜୀବ ଭାବରୁ ଦେବ ଭାବକୁ ଉନ୍ନୀତ ହେଲେ ଆଉ ଜନ୍ମ ବା ମୃତ୍ୟୁ ରହିବା ନାହିଁ। ତୁମେ ଯେତେବେଳେ ପ୍ରତ୍ୟେକ ଜୀବକୁ ଏତେ ପ୍ରଗାଢ଼ ଭାବରେ ଭଲ ପାଅ ଯେ ତୁମକୁ ସବୁ କେବଳ ଏକ ପରି ଲାଗେ ସେତେବେଳେ ହିଁ ମୋକ୍ଷ ପ୍ରାପ୍ତି ହୁଏ। ହୃଦୟକୁ ପ୍ରେମରେ ଆର୍ଦ୍ରକର, କର୍ମକୁ ଧର୍ମରେ ଆର୍ଦ୍ରକର, ବାସନାକୁ ଦୟାରେ ଆର୍ଦ୍ରକର, ତେବେ ତୁମେ ଅତି ଶୀଘ୍ର ଭଗବାନଙ୍କୁ ଲାଭ କରିପାରିବ।'

ପ୍ରେମ ସ୍ୱରୂପ କୃଷ୍ଣଙ୍କ ଧ୍ୟାନ କରି ଆମେମାନେ ପ୍ରେମରେ ବିକଶିତ ହେବା ଉଚିତ। ଜୀବନ ବିକଳ କ୍ରନ୍ଦନରେ, ପୀଡ଼ିତର ଆବିସ୍ମିକ ଆଦେଶରେ, କ୍ଷୁଧାର୍ତ୍ତର ଆର୍ତ୍ତନାଦରେ ଆମର ହୃଦୟ ଦ୍ରବୀଭୂତ ଓ କୋମଳ ନ ହେବା ପର୍ଯ୍ୟନ୍ତ, ସେଥିରେ ଥିବା ପ୍ରେମର ନିର୍ଝରିଣୀ ଗର୍ବରତପ୍ତ କିରଣରେ ଅବରୁଦ୍ଧ ଥିବାଯାଏଁ କୃଷ୍ଣ ଆମ୍ଭ ମାନଙ୍କ କାମରେ ବଂଶୀ ବଜାଇବେ ନାହିଁ, ଆମେ ଗୀତା ଓ ଭାଗବତରେ ପଣ୍ଡିତ ହୋଇପାରୁ କିନ୍ତୁ ଆମେ କୃଷ୍ଣଙ୍କ ସେବାରେ କେତେ ଦଶନ୍ଧି ବିତାଇ ଦେଇଛେ ବୋଲି ଦାବି କରିପାରିବା ? କିନ୍ତୁ ପ୍ରେମର ଚାବି ବିନା ଆମେ ତାଙ୍କର ନିବାସ ସ୍ଥଳ ଗୋଲକ ଭିତରକୁ ପ୍ରବେଶାନୁମତି ପାଇ ପାରିବ ନାହିଁ। ଆମେ ବହୁ ବର୍ଷ ଧରି ପ୍ରଶାନ୍ତି ନିଳୟମ୍‌ରେ ଥାଇପାର ଏବଂ ସ୍ୱାମୀଙ୍କ ପାଖରେ ଓ ନିକଟରେ ଅଛ ବୋଲି ଦାବି କରିପାରୁ, କିନ୍ତୁ ସେବା ମାଧ୍ୟମରେ ଅଭିବ୍ୟକ୍ତ ପ୍ରେମର ଅନୁଶୀଳନ ବିନା ଆମେମାନେ ଭଗବାନଙ୍କୁ ଜାଣିପାରିବା ନାହିଁ।

**ଅଲିଶା ବଜାର, କଟକ**

# ସଂଗ୍ରାମୀ ଗୁଣନିଧି ମହାନ୍ତିଙ୍କ ତ୍ୟାଗର ପ୍ରତୀକ

॥ ତପସ୍ୱିନୀ ପଟ୍ଟନାୟକ ॥

କିଏ ତାଙ୍କୁ ସଂଗ୍ରାମୀ କହନ୍ତି ତ ଆଉ କିଏ କୁହନ୍ତି ସତ୍ୟାଗ୍ରହୀ, ଭୂଦାନକର୍ମୀ। କିଏ କୁହେ ଘରଜଗୁଆ ତ କିଏ କୁହେ ମୁଖିଆ। କେତେବେଳେ ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହରେ ତ କେବେ ପୁଣି ଆଚାର୍ଯ୍ୟ ବିନୋବାଙ୍କ ଭୂଦାନ ଆନ୍ଦୋଳନରେ ଆଉ ମା'ରମାଦେବୀଙ୍କ ନିଶା ନିବାରଣ ଅଭିଯାନରେ ସିଏ ଥିଲେ ସକ୍ରିୟ। ଦେଶମାତୃକା ପାଇଁ ସାରା ଜୀବନକୁ ଉତ୍ସର୍ଗ କରି ଦେଇଥିବା ଏହି ମହାନ ବ୍ୟକ୍ତି ଗୁଣନିଧି ମହାନ୍ତିଙ୍କ ତ୍ୟାଗର ଗାଥା ବହନ କରୁଛି ଥୋରିଆ ସାହିସ୍ଥିତ ଗୁଣନିଧି ଭବନ।

୪୨ ମୌଜା ଦେଉଳି ଗ୍ରାମର ଏକ ମଧ୍ୟବିତ୍ତ ପରିବାରରେ ଗୁଣନିଧି ମହାନ୍ତିଙ୍କ ଜନ୍ମ। ଜନ୍ମ ତାରିଖ ବିଷୟରେ କିଛି ପ୍ରମାଣ ନଥିଲେ ମଧ ଗୁଣନିଧି ୧୮୮୫ ମସିହାରେ ଜନ୍ମ ହୋଇଥିବା ଜଣାଯାଏ। ୧୯୨୧ ମସିହାରେ ଗାନ୍ଧିଜୀଙ୍କ ଡାକରାରେ ସରକାରୀ ଚାକିରୀ ଛାଡ଼ି ଅସହଯୋଗ ଆନ୍ଦୋଳନରେ ସାମିଲ ହୋଇଥିଲେ। ଲବଣ ସତ୍ୟାଗ୍ରହ ପାଇଁ ସ୍ୱାକ୍ଷର କରିଥିବା ୨୦ଜଣ ଓଡ଼ିଆଙ୍କ ମଧ୍ୟରୁ ସେ ଥିଲେ ଅନ୍ୟତମ। ୧୯୩୪ ମସିହାରେ ବାଲେଶ୍ୱର ଇଞ୍ଚୁଡିରୁ ଆରମ୍ଭ ହୋଇଥିବା ଲବଣ ସତ୍ୟାଗ୍ରହରେ ଗାନ୍ଧିଜୀଙ୍କ କଥା ବୁଝିବାର ଦାୟିତ୍ୱ ତାଙ୍କ କାନ୍ଧରେ ଥିଲା। ସ୍ୱାଧୀନତା ସଂଗ୍ରାମ ସମୟରେ ଅନ୍ନପୂର୍ଣ୍ଣା ମହାରଣା, ମଙ୍ଗଳା ମାଉସୀଙ୍କ ସହିତ ମିଶି ଗୁଣନିଧି ବାବୁ ବିଭିନ୍ନ ବ୍ୟକ୍ତିଙ୍କ ଠାରୁ ଚାନ୍ଦା ଆଦାୟକ କରି ସଂଗ୍ରାମୀଙ୍କ ଖାଦ୍ୟପେୟ କଥା ବୁଝୁଥିଲେ। ସ୍ୱାଧୀନତା ପରେ ୧୯୫୦ରେ ଆଚାର୍ଯ୍ୟ ବିନୋବା ଆରମ୍ଭ କରିଥିବା ଭୂଦାନ ଆନ୍ଦୋଳନରେ ସେ ସକ୍ରିୟ ହୋଇଥିଲେ। ୧୯୫୫ ମସିହାରେ ବାଲେଶ୍ୱରରୁ କୋରାପୁଟ ପର୍ଯ୍ୟନ୍ତ ଭୂଦାନ ପଦଯାତ୍ରାରେ ସଂଗ୍ରାମୀ ମହାନ୍ତିଙ୍କ ଉଲ୍ଲେଖନୀୟ ଭୂମିକା ଥିଲା। ଏହା ପୂର୍ବରୁ ବକ୍ସିବଜାର ଥୋରିଆସାହିସ୍ଥିତ ତାଙ୍କ ପୈତୃକ ସମ୍ପତ୍ତିକୁ ସର୍ବୋଦୟ କର୍ମୀଙ୍କ ପାଇଁ ଅର୍ପଣ କରିଥିଲେ। ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ ଏହି ଜମିକୁ ଶ୍ରୀ ମହାନ୍ତି ଭୁବନାନନ୍ଦ ଦାସ, ସ୍ୱାମୀ ବିଚିତ୍ରାନନ୍ଦ ଦାସ, ଗୋପବନ୍ଧୁ ଦାସଙ୍କ ନାମରେ ଦାନ କରିଦେଇଥିଲେ। ଗୁଣନିଧି ଭବନ ନାମରେ ପରିଚିତ ଏହି ଘର ଅନେକ ଦଶନ୍ଧି ଧରି ଜନସେବାର ପ୍ରାଣକେନ୍ଦ୍ର ଥିଲା। ଏଇଠି ଗୋପବନ୍ଧୁ ଚୌଧୁରୀଙ୍କ ପରିବାର ବହୁ ଦିନ ଧରି ରହିଥିଲେ। ଗୁଣନିଧିଙ୍କ କର୍ମମୟ ଜୀବନ ଏଇଠି ଅତିବାହିତ ହୋଇଥିଲା। ଗୁଣନିଧି କମ୍ ବୟସରୁ ବିପତ୍ନୀକ ହୋଇ ଯାଇଥିଲେ। ସେ ଦେଉଳିସ୍ଥିତ ପୈତୃକ ସମ୍ପତ୍ତିକୁ ଦୁଇ ପୁତୁରାଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ। ଶେଷରେ ଡିସେମ୍ବର ୧୭ ତାରିଖ ୧୯୬୧ ମସିହାରେ ଗୁଣନିଧିଙ୍କ ଜୀବନ ଦୀପ ନିର୍ବାପିତ ହୋଇଥିଲା। ଏବେ ତାଙ୍କ ପ୍ରଦତ୍ତ ଗୁଣନିଧି ଭବନ ଦିନ, ଦୁଃଖୀଙ୍କ ସହାୟତାର କେନ୍ଦ୍ର ପାଲଟିଛି। ଖାଲି ସେତିକି ନୁହେଁ ଏଠାରେ ଉତ୍କଳ ସେର୍ବାଦୟ ମଣ୍ଡଳ, ଉତ୍କଳ ଖଦୀ ମଣ୍ଡଳ, ସର୍ବୋଦୟ ରିଲିଫ୍ କମିଟି, ରମାଦେବୀ ଟ୍ରଷ୍ଟ, ରାଷ୍ଟ୍ରୀୟ ଯୁବା ସଂଗଠନ ଭଳି ଅନେକ ଅନୁଷ୍ଠାନ କାର୍ଯ୍ୟ କରୁଛି। ଗୁଣନିଧି ମହାନ୍ତିଙ୍କ ସଂପର୍କରେ ସୁମିତ୍ରା ଚୌଧୁରୀ ସ୍ୱର୍ଗତଃ ମନମୋହନ ଚୌଧୁରୀଙ୍କ ପତ୍ନୀ କହନ୍ତି ଯେ ବରୀ ଛାଡ଼ିବା ପରେ ସେ ପରିବାର ସହ ଥୋରିଆସାହି ଗୁଣନିଧି ଭବନରେ ରହୁଥିଲେ। ସେଠାରେ ଗୁଣନିଧି ବାବୁ ମଧ ରହୁଥିଲେ। ଗୁଣନିଧି ବାବୁ ଥିଲେ ଅତ୍ୟନ୍ତ ମଜାଳିଆ ଲୋକ। ରମାଦେବୀ, ଆଚାର୍ଯ୍ୟ ମହାଶୟ, ଗୋପବନ୍ଧୁ ଚୌଧୁରୀ, ଭୁବନାନନ୍ଦ, ବିଚିତ୍ରାନନ୍ଦ ପ୍ରମୁଖ ଖୁବ୍ ଘନିଷ୍ଠ ଥିଲେ। ଗୁଣନିଧି ଖୁବ୍ ଖାଦ୍ୟ ପ୍ରିୟ ଥିଲେ। ବରା ତାଙ୍କର ପ୍ରିୟ ଖାଦ୍ୟ ଥିଲା। ଅନ୍ୟମାନଙ୍କୁ ଖାଇବାକୁ ଦେବାକୁ ଭଲ ପାଉଥିଲେ। ସର୍ବୋପରି ସେ ଜଣେ ମୂଲ୍ୟବୋଧସଂପନ୍ନ ମଣିଷ ଥିଲେ ବୋଲି କହନ୍ତି ସୁମିତ୍ରା ଚୌଧୁରୀ। ଗୁଣନିଧି ମହାନ୍ତି ତାଙ୍କ ନାମର ସାର୍ଥକତା ପ୍ରତିପାଦନ କରିଛନ୍ତି। ତାଙ୍କର ତ୍ୟାଗ ଓ ବହୁମୁଖୀ ପ୍ରତିଭା ପାଇଁ ଏବେ ବି ଝୁରୁଛି ଥୋରିଆ ସାହିଘର, କଟକ ମାଟି, ସର୍ବୋଦୟ ମଣ୍ଡଳ।

**ଶିକ୍ଷାବିତ୍, ମହାନଦୀ ବିହାର, କଟକ**

# ଆଜାଦ ଭାରତ ପକ୍ଷରୁ ସର୍ବଧର୍ମ ସମନ୍ୱୟ ସଭା

।ପାରାଦୀପ (ମହାଭାରତ):- ପାରାଦୀପର ମଧୁବନ ସ୍ଥିତ ପୋର୍ଟ ଶ୍ରମିକ ସଂଘ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଏକ ସର୍ବଧର୍ମ ସମନ୍ୱୟ ସଭା ଅନୁଷ୍ଠିତ ହୋଇଯାଇଛି । ଆଜାଦ ଭାରତ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ସଭାରେ ଆଲୋଚକ ଭାବେ ମୁଫତି ବର୍ଖତିଆ,ମୌଲାନା ତାଜମୂଲ୍,କ୍ୟାପଟେନ୍ ପ୍ରେମାନନ୍ଦ ରାଉତ, ଫାଦର ନିହାର ରଞ୍ଜନ ପରିଚ୍ଛା, ମନୋରମା ଖଟୁଆ,ଖବରଦାତା ଶରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏବେ ସାରା ବିଶ୍ୱରେ ଧର୍ମ ଭାବନାକୁ ନେଇ ବିଦ୍ୱେଶ ଦେଖାଦେଇଛି, ତେବେ ଧର୍ମ ହିଂସାକୁ ପ୍ରଶୟ ଦିଏନାହିଁ। ପ୍ରତ୍ୟେକ ଧର୍ମର କିଛି ନକରାତ୍ମକ ଲୋକଙ୍କ ପାଇଁ ବିଦ୍ୱେଶ ସୃଷ୍ଟି ହେଉଛି। ଏହାକୁ ଆମକୁ ପରିବର୍ତ୍ତନ ଆଣିବାକୁ ହେବ ବୋଲି ବକ୍ତାମାନେ କହିଥିଲେ। ପ୍ରକୃତି ଆମକୁ ସମାନ ଭାବେ ବଞ୍ଚିବାକୁ ସବୁ ପ୍ରକାର ଉପାଦାନ ଦେଇଛି। ସେଠି କୌଣସି ବାଛବିଚାର ନାହିଁ। ଆମକୁ ଏବେ ସମ୍ବିଧାନ ଓ ବିଜ୍ଞାନ ସହିତ ଚଳିବାକୁ ହେବ ବୋଲି କ୍ୟାପଟେନ୍ ରାଉତ କହିଥିଲେ। ସଭାକୁ ସଞ୍ଚାଳନ କରିଥିଲେ ଆଇନଜୀବୀ ରବିନ୍ଦ୍ର ଜେନା। କାର୍ଯ୍ୟକ୍ରମକୁ ଟ୍ରଷ୍ଟ ସଭାପତି ଅବଦୁଲ ଆବିଦ୍ ଖାନ୍ ଓ ସମ୍ପାଦକ ଶେଖ୍ ନିଜାମ ପରିଚାଳନା କରିଥିଲେ।

# ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ଉମରକୋଟ (ମହାଭାରତ) ଉମରକୋଟ ଠାରେ ଆସନ୍ତା ୮୦ ତମ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ଆଡମ୍ବର ସହକାରେ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ କଣ୍ଡୟଗାଁ ରୋଡ଼ ଠାରେ ଥିବା କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା । ଉମରକୋଟ ତହସିଲଦାର ମେଘବାନ ବାଗ ସଭାପତିତ୍ୱ କରିଥିବା ବେଳେ ଅତିରିକ୍ତ ତହସିଲଦାର ମୌସୁମୀ ସଜ୍ଜନ , ମନ୍ତ୍ରୀଙ୍କ ପର୍ତିନିଧି ଅଶୋକ କୁମାର ପାଢ଼ୀ, ବରିଷ୍ଠ ସରକାରୀ ଆଇନଜୀବୀ ରାମ ନାୟକ , ପୋଲିସ ଉପ ଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର, ଉମରକୋଟ ରାଜସ୍ୱ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବ ବର୍ଷ ପରି ସହରରେ ଥିବା ଛାତ୍ରୀ ଛାତ୍ର ମାନଙ୍କୁ ନେଇ ଚିତ୍ରାଙ୍କନ, ଡିବେଟ, ସଙ୍ଗୀତ ଓ କୁଇଜ୍ ପ୍ରତିଯୋଗିତା ଗୁଡିକ ସରକାରୀ ଏସଏସ ଉଚ୍ଚ ବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହେବ । ପତାକା ଉତଳନ ନବରଙ୍ଗପୁର ଏମପି ବଳଭଦ୍ର ମାଝୀ କରିବେ ଏଥିପାଇଁ ଏମପିଙ୍କ ସହ ଯୋଗାଯୋଗ କରିବାକୁ ବରିଷ୍ଠ ଭାଜପା ନେତା ରାମ ନାୟକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପୌରା□ଳ ର ସମସ୍ତ ଅନୁଷ୍ଠାନ ଗୁଡିକରେ ୭.୩୦ ସୁଦ୍ଧା ପତାକା ଉତ୍ତଳନ କରିବେ। ଏବଂ ଉପଖଣ୍ଡ ସ୍ତରୀୟ ପତାକା ଉତ୍ତଳନ ୮.୪୫ ରେ କରିବା ପାଇଁ ଧାର୍ଯ୍ୟ କରାଯାଇଛି। ସେହିପରି ୯ ତାରିଖରେ ସରକାରୀ ଓ ବେସରକାରୀ ଦଳ ମଧ୍ୟରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ ଫୁଟବଲ୍ ମ୍ୟାଚ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ କରିବା ପାଇଁ ଆଜିର ବୈଠକ ରେ ନିଷ୍ପତି ନିଆଯାଇଛି। ପ୍ରତ୍ୟେକ ପ୍ୟାରେଡ୍ ଟ୍ରୁପରେ ୨୫ ଜଣ ଲେଖାଏଁ ଛାତ୍ରୀ ଛାତ୍ର ରହିବେ। ଅନ୍ୟପଟେ ଶାନ୍ତି ଶୃଙ୍ଗଳା ବଜାୟ ରଖିବାକୁ ଉମରକୋଟ ଥାନା ଆଇଆଇସି ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଜିର ବୈଠକ ରେ ବିଭିନ୍ନ ସରକାରୀ , ବେସରକାରୀ ସ୍କୁଲର ପ୍ରତିନିଧି ସରକାରୀ ଅଫିସ ର ପ୍ରତିନିଧି ମାନେ ମଧ୍ୟ ଉପସ୍ଥିତ ଥିଲେ।

# 'ଫିସକୋଫେଡ୍'ର ପ୍ରଥମ ମହିଳା ଉପାଧକ୍ଷା ଭାବେ ଜୟଶ୍ରୀ ଗଡ଼ନାୟକ ନିର୍ବାଚିତ

**ଭୁବନେଶ୍ୱର,:**'ଫିସକୋଫେଡ୍'ର ପ୍ରଥମ ମହିଳା ଉପାଧକ୍ଷା ଭାବେ ଶ୍ରୀମତୀ ଜୟଶ୍ରୀ ଗଡ଼ନାୟକ ନିର୍ବାଚିତ ହୋଇଛନ୍ତି। ଦେଶର ସର୍ବୋଚ୍ଚ ମତ୍ସ୍ୟଜୀବୀ ସମବାୟ ସଂଘର ପ୍ରଥମ ମହିଳା ଭାବେ ଉପାଧକ୍ଷ ପଦ ଅଳଙ୍କୃତ କରି ଭାରତର ସମବାୟ ଆନ୍ଦୋଳନରେ ସେ ଇତିହାସ ସୃଷ୍ଟି କରିଛନ୍ତି । ସମବାୟ କ୍ଷେତ୍ରରେ ମହିଳା ନେତୃତ୍ୱ ପାଇଁ ଏକ ମାଇଲଖୁଣ୍ଟ । ମତ୍ସ୍ୟଜୀବୀ ସମବାୟ ଆନ୍ଦୋଳନରେ ଅନ୍ତର୍ଭୁକ୍ତିମୂଳକ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବ ବୋଲି ମତ ପ୍ରକାଶ ପାଇଛି । ମଲ୍ଟି-ଷ୍ଟେଟ୍ କୋଅପରେଟିଭ୍ ସୋସାଇଟିଜ୍ ୨୦୦୨ ଅନୁଯାୟୀ ନୂଆଦିଲ୍ଲୀ ସରିତା ବିହାରସ୍ଥିତ 'ଫିସକୋଫେଡ୍' ପଞ୍ଜୀକୃତ ମୁଖ୍ୟାଳୟରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ନିର୍ବାଚନ ପ୍ରକ୍ରିୟାକୁ ରିଟର୍ଣ୍ଣିଂ ଅଫିସର ଡ. ଶ୍ରବଣ ବାଗାରିଆ ପରିଚାଳନା କରିଥିବା ବେଳେ ବୋର୍ଡ ଅଫ୍ ଡାଇରେକ୍ଟର୍ସଙ୍କ ମୋଟ ୧୧ଟି ଭୋଟ ମଧ୍ୟରୁ ୯ଟି ଭୋଟ ପାଇ ଶ୍ରୀମତୀ ଗଡ଼ନାୟକ ନିର୍ବାଚନ ଜିତିଥିଲେ।

# ଶ୍ରାବଣ ପ୍ରଥମ ସୋମବାରରେ ମହାନଦୀ ଘାଟରେ କାଉଡ଼ିଆଙ୍କ ଭିଡ଼



ଗଣିଆ, (ମହାଭାରତ): ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ମହାଦେବଙ୍କ ନିକଟରେ ଜଳାଭିଷେକ ପାଇଁ କଣ୍ଟିଲୋ, ବାଣପୁର ଓ ସିଧାମୂଳା ଅଞ୍ଚଳ ଦେଇ ପ୍ରବାହିତ ମହାନଦୀର ବିଭିନ୍ନ ଘାଟରେ ହଜାର ହଜାର କାଉଡ଼ିଆଙ୍କ ଅଭୂତପୂର୍ବ ଭିଡ଼ ଦେଖିବାକୁ ମିଳିଛି। ଏହାକୁ ନେଇ ଗଣିଆ ଓ ଦଶପଲ୍ଲା ଆଖପାଖ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠଗୁଡ଼ିକ ଏବେ ଉତ୍ସବମୁଖର ହୋଇଉଠିଛି। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଓ ଜଳାଭିଷେକକୁ ଦୃଷ୍ଟିରେ ରଖି ପ୍ରଶାସନ ଓ ପୀଠ କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିପରି ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ସେବା ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଓ ବିଶ୍ରାମ ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ କାଉଡ଼ିଆ ଯାତ୍ରାରେ ଅନେକ ମହିଳା ଶ୍ରଦ୍ଧାଳୁ ସାମିଲ ହୋଇଥିବା ବେଳେ ବୋଲବମ୍, ହର ହର ମହାଦେବ ଧ୍ୱନିରେ କମ୍ପି ଉଠୁଛି । ଅନେକ କାଉଡ଼ିଆ ରାଉତପଡ଼ା ଘାଟରୁ ପବିତ୍ର ଜଳ ଉଠାଇ ବିଭିନ୍ନ ଶୈବପୀଠ ଅଭିମୁଖେ ପାଦରେ ଯାତ୍ରା ଆରମ୍ଭ କରିଛନ୍ତି। ରାସ୍ତାରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ କାଉଡ଼ିଆମାନଙ୍କୁ ଭବ୍ୟ ସ୍ୱାଗତ କରାଯାଉଥିବା ଦେଖାଯାଇଛି।

# ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ବରିଷ୍ଠ କିରଣୀଙ୍କ ଅବସର ନୟାଗଡ଼ ସାମ୍ବାଦିକ ଭବନରେ ବିଦାୟକାଳୀନ ସମ୍ବର୍ଦ୍ଧନା



ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀ ତଥା କିରାଣୀ ସିଦ୍ଧାର୍ଥ ଦେ ଆଜି ନିଜ କାର୍ଯ୍ୟ ରୁ ଅବସର ଗ୍ରହଣ କରିଛନ୍ତି। ଦୀର୍ଘ ବର୍ଷ ହେବ ନିଷ୍ଠାପର ଭାବେ ନୟାଗଡ଼ ଜିଲ୍ଲାରେ ସେ ସୂଚନା ଓ ଲୋକସମ୍ପର୍କ ବିଭାଗରେ କାର୍ଯ୍ୟକରୀ ସୁନାମ ଅର୍ଜନ କରିଛନ୍ତି। ଆଜି ସନ୍ଧ୍ୟାରେ ନୟାଗଡ଼ ସାମ୍ବାଦିକ ଭବନରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ସାମ୍ବାଦିକ ଭବନ ସଭାପତି ବୈଦ୍ୟ ଭୂଷଣ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାକୁ ଭବନ ସମ୍ପାଦକ ଅନୀଲ କୁମାର ପଣ୍ଡା ସଂଯୋଜନା କରିଥିଲେ। ସାମ୍ବାଦିକ ମାନେ କିରାଣୀ ସିଦ୍ଧାର୍ଥ ଦେ ଙ୍କୁ ନେଇ ନିଜ ନିଜର ଅନୁଭୂତି ବଖାଣିଥିଲେ। ନୟାଗଡ଼ ଜିଲ୍ଲାର ସାମ୍ବାଦିକ ଙ୍କ ପାଇଁ ସେ କରିଥିବା ସାହାଯ୍ୟ ଓ ସହଯୋଗ ସମସ୍ତଙ୍କ ମନେ ରହିବ ବୋଲି କହିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ ତାଙ୍କୁ ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସଙ୍କ ଅଧକ୍ଷତାରେ ତାଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଜାତା କୁମାରୀ ସାହୁ ଏବଂ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଓ ସଂସ୍କୃତି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ। ଶ୍ରୀଯୁକ୍ତ ଦେ, ନୟାଗଡ଼ ରେ ଦୀର୍ଘ ୩୨ ବର୍ଷ କାଳ ସୁଚାରୁ ରୂପେ ନିଜ ଦାୟିତ୍ୱ ନିର୍ବାହନ କରି ଲୋକପ୍ରିୟ ହୋଇପାରିଥିଲେ।

# ଯୁବପିଢ଼ିଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆଭାସୀ ସମ୍ବୋଧନ



ଅନୁଗୋଳ, (ମହାଭାରତ):କେନ୍ଦ୍ର ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟର 'ମାଇଁ ଭାରତ' ପକ୍ଷରୁ ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ନିଶା ମୁକ୍ତ ଯୁବା - ବିକଶିତ ଭାରତ ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଦେଶର ୧୦,୦୦୦ ରୁ ଉର୍ଦ୍ଧ୍ୱ ସ୍ଥାନରୁ ଯୋଡ଼ିହୋଇଥିବା ପ୍ରାୟ ୧ କୋଟିରୁ ଅଧିକ ଯୁବବର୍ଗଙ୍କୁ ସମ୍ବୋଧିତ କରିଥିଲେ। ଏକ ନିଶାମୁକ୍ତ ଭାରତ ଗଠନ ସହ 'ବିକଶିତ ଭାରତ-୨୦୪୭'ର ସଂକଳ୍ପ ନେବାକୁ ସେ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ।ଏହି ଅଭିଯାନ ମାଧ୍ୟମରେ ଆଗାମୀ ୧୦୦ ସପ୍ତାହ ବ୍ୟାପୀ ପ୍ରତି ରବିବାରରେ କ୍ରୀଡ଼ା, ଫିଟନେସ, ସାଂସ୍କୃତିକ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ।

# ଫ୍ରେଣ୍ଡଲି ଯୋଗ ଅନୁଷ୍ଠାନ ଓ ପତଞ୍ଜଳି ଯୋଗ ସମିତି ମିଳିତ ଆନୁକୂଲ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



ପାରାଦୀପ (ମହାଭାରତ): ବନ୍ଦର ଓ ଶିଳ୍ପ ସହର ପାରାଦୀପରେ ବୃଦ୍ଧି ପାଉଥିବା ପ୍ରଦୂଷଣ କୁ ଦୃଷ୍ଟିରେ ରଖି ଫ୍ରେଣ୍ଡଲି ଯୋଗ ଅନୁଷ୍ଠାନ ଓ ପାତଞ୍ଜଳି ଯୋଗ ସମିତି ପକ୍ଷରୁ ଯୋଗ ଗୁରୁ ବିଭୁତି ଭୂଷଣ ସାହୁ (ଟୁଲୁ ବାବା) ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୃନ୍ଦାବନ କଲୋନୀ ଶିବ ମନ୍ଦିର ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ମୁଖ୍ୟ ଭାବେ ଚନ୍ଦନ, ରୁଦ୍ରାକ୍ଷ, ଅଁଳା ଇତ୍ୟାଦି ମୂଲ୍ୟବାନ ଗଛ ଲଗା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଗ ଅନୁଷ୍ଠାନର ସଦସ୍ୟ ଆଲୋକ ମହାପାତ୍ର, ତାପସ ମହାନ୍ତି, ଗୌତମ ନାୟକ, ପ୍ରଭାତ ମହାପାତ୍ର, ରଘୁନାଥ ରଣସିଂହ, କୁଳମଣି ସାହୁ, ତ୍ରିଲୋଚନ ମହାପାତ୍ର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ରେଙ୍ଗାଲି ବ୍ଲକରେ ପ୍ରଥମ ଥର ପାଳିତ ହେଲା ସମ୍ବଲପୁରୀ ଦିବସ

**ରେଙ୍ଗାଲି,:**ପଶ୍ଚିମ ଓଡ଼ିଶାର ଭାଷା, ସାହିତ୍ୟ ଓ ସାଂସ୍କୃତିକ ପରିଚୟକୁ ନୂଆ ଦିଗ ଦେବା ଲକ୍ଷ୍ୟରେ ରେଙ୍ଗାଲି ପଞ୍ଚାୟତ ସମିତି ପରିସରରେ ପ୍ରଥମ ଥର ପାଇଁ ସମ୍ବଲପୁରୀ ଦିବସ ସମାରୋହର ସହ ପାଳିତ ହୋଇଛି। କବି ସତ୍ୟନାରାୟଣ ବହିଦାରଙ୍କ ଜନ୍ମଜୟନ୍ତୀ ଅବସରରେ ରେଙ୍ଗାଲି ପଞ୍ଚାୟତ ସମିତିର ନିର୍ବାଚିତ ପ୍ରତିନିଧିମାନଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲାଙ୍କ ସଭାପତିତ୍ୱ କରିଥିଲେ। ସମାରୋହର ଆରମ୍ଭରେ ଅତିଥିମାନେ ମା' ସମଲେଶ୍ୱରୀ ଏବଂ କବି ସତ୍ୟନାରାୟଣ ବହିଦାରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ରେଙ୍ଗାଲି ବ୍ଲକର ପୂର୍ବତନ ଅଧକ୍ଷ ଜିତେନ୍ଦ୍ର ପ୍ରସାଦ ପଣ୍ଡା ସ୍ୱାଗତ ଭାଷଣ ରଖିବା ସହ ସମ୍ବଲପୁରୀ ଦିବସର ପୃଷ୍ଠଭୂମି, କବି ସତ୍ୟନାରାୟଣ ବହିଦାରଙ୍କ ସାହିତ୍ୟିକ ଅବଦାନ ଓ ସମ୍ବଲପୁରୀ ଭାଷାର ସ୍ୱତନ୍ତ୍ର ପରିଚୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଡ. ଗୌରିଦାସ ପ୍ରଧାନ ଏବଂ ରେଙ୍ଗାଲି



ଆଦର୍ଶ ବିଦ୍ୟାଳୟର ଅଧକ୍ଷ ରମଣୀକାନ୍ତ ସାହୁ କହିଥିଲେ ଯେ, କବି ସତ୍ୟନାରାୟଣ ବହିଦାର ସମ୍ବଲପୁରୀ ଭାଷାକୁ ସାହିତ୍ୟର ଏକ ସୁଦୃଢ଼ ଭିତ୍ତି ପ୍ରଦାନ କରିଥିଲେ। ତାଙ୍କ ସୃଷ୍ଟି କେବଳ ସାହିତ୍ୟ ନୁହେଁ, ପଶ୍ଚିମ ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଲୋକ ଜୀବନ ର ଦଲିଲ୍ ବୋଲି ମତବ୍ୟକ୍ତ କରି ସମ୍ବଲପୁରୀ ଭାଷା ଓ ସଂସ୍କୃତି ର ମହତ୍ୱ ଓ ସ୍ୱତନ୍ତ୍ର ପରିଚୟ ଉପରେ ଆଲୋକପାତ କରିଥିଲେ ।ଏହି ଅବସରରେ 'ରଙ୍ଗବତୀ' ଗୀତର କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ, ସମାଜସେବୀ ନିହାଲ ସିଂହ, ଡ. ଶୁଶିଲ କୁମାର ବେହେରା ଏବଂ ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

# ଶ୍ୟାମ୍ ମେଟାଲିକ୍ସରେ ଦୁର୍ଘଟଣା: ମହିଳା ଶ୍ରମିକଙ୍କ ମୃତ୍ୟୁ

**ସମ୍ବଲପୁର,:**ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ ପଣ୍ଡଲୋଇରେ ଥିବା ଶ୍ୟାମ ମେଟାଲିକ୍ସ କମ୍ପାନୀରେ ଲୁହା ଓ୍ୱାଲରୁ ଲୁହା ପ୍ଲେଟ୍ ଖସି ପଡିବା ଫଳରେ ଜଣେ ମହିଳା ଶ୍ରମିକଙ୍କ ଶୋଚନୀୟ ମୃତ୍ୟୁବରଣ ହୋଇଛି। ମୃତକ ମହିଳା ସିଆଁବାହାଲ ଗ୍ରାମର ସଞ୍ଜୁକ୍ତା ଓରାମ (୪୫) ବୋଲି ଜଣାପଡିଛି। ସୂଚନାରୁ ପ୍ରକାଶ ଯେ ସଞ୍ଜୁକ୍ତା କମ୍ପାନୀ ଭିତରେ ଗଣେଶ ଓରାମ ନାମକ ଠିକାଦାର ଅଧୀନରେ ରେଗର୍ ଝାଡୁଦାର ଭାବେ କାର୍ଯ୍ୟ କରୁଥିଲେ। ଶନିବାର କାମ କରୁଥିବା ସମୟରେ ହଠାତ ଲୁହା ଓ୍ୱାଲ୍‌ରୁ ଲୁହା ପ୍ଲେଟ୍ ଖସି ଯାଇ ତାଙ୍କ ଉପରେ ପଡ଼ିଯାଇଥିଲା । ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତତ୍କାଳ କମ୍ପାନୀ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ଏହି ଘଟଣାକୁ ନେଇ ମୃତକଙ୍କ ଝିଅ ବବିତା ଓରାମ ରେଙ୍ଗାଲି ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ମା'ଙ୍କ ମୃତ୍ୟୁର ସଠିକ୍ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସେ ପୋଲିସ ନିକଟରେ ଅନୁରୋଧ କରିଛନ୍ତି।

# ୨୪ ଘଣ୍ଟା ମଧ୍ୟରେ ନାବାଳିକାଙ୍କୁ ଉଦ୍ଧାର କଲା ସି ବିଚ୍ ଥାନା ପୋଲିସ

**ପୁରୀ,:** ପୁରୀ ସି ବିଚ୍ ଥାନାରେ କେସ୍ ନଂ-୨୫୩/ ୨୬ ଅନୁଯାୟୀ ଜଣେ ନାବାଳିକା ନିଖୋଜ ସମ୍ପର୍କରେ ଅଭିଯୋଗ ପ୍ରାପ୍ତ ହେବା ପରେ ସି ବିଚ୍ ଥାନା ପୋଲିସ ତୁରନ୍ତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏସପି ପୁରୀ ଶ୍ରୀ ପ୍ରତୀକ ସିଂ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଅନୁସନ୍ଧାନ, ତଥ୍ୟ ସଂଗ୍ରହ ଏବଂ ବୈଷୟିକ ପ୍ରମାଣର ସହାୟତାରେ ତଦନ୍ତକୁ ତ୍ୱରାନ୍ୱିତ କରିଥିଲା। ଫଳସ୍ୱରୂପ, ଅଭିଯୋଗ ପ୍ରାପ୍ତ ହେବାର ୨୪ ଘଣ୍ଟା ମଧ୍ୟରେ ନାବାଳିକାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ନାବାଳିକାଙ୍କୁ ଆଇନାନୁସାରେ ଆବଶ୍ୟକ ପ୍ରକ୍ରିୟା ସମ୍ପନ୍ନ କରାଯାଇ ତାଙ୍କ ପରିବାରର ଜିମାରେ ହସ୍ତାନ୍ତର କରାଯାଇଛି। ମାମଲାର ତଦନ୍ତ ଜାରି ରହିଛି ।ନିଖୋଜ ଶିଶୁ ଓ ମହିଳାଙ୍କୁ ସୁରକ୍ଷିତ ଭାବେ ଖୋଜି ବାହାର କରିବା ପୁରୀ ପୋଲିସର ସର୍ବୋଚ୍ଚ ପ୍ରାଥମିକତା। ଏହି ସଫଳତା ସି ବିଚ୍ ଥାନା ପୋଲିସର ତତ୍ପରତା, ବୃତ୍ତିଗତ ଦକ୍ଷତା ଏବଂ ଜନସେବା ପ୍ରତି ଅଙ୍ଗୀକାରର ଆଉ ଏକ ଉଦାହରଣ। ପୁରୀ ପୋଲିସ ସାଧାରଣ ଜନସାଧାରଣଙ୍କୁ ଅନୁରୋଧ କରୁଛି ଯେ, କୌଣସି ଶିଶୁ କିମ୍ବା ମହିଳା ନିଖୋଜ ସମ୍ପର୍କରେ ସୂଚନା ମିଳିଲେ ତୁରନ୍ତ ନିକଟସ୍ଥ ଥାନା କିମ୍ବା ପୋଲିସ କଣ୍ଟ୍ରୋଲ ରୁମ୍ ୧୧୨କୁ ଅବଗତ କରନ୍ତୁ। ସମୟୋପଯୋଗୀ ସୂଚନା ଏକ ମୂଲ୍ୟବାନ ଜୀବନକୁ ସୁରକ୍ଷିତ ଭାବେ ପରିବାର ପାଖକୁ ଫେରାଇ ଆଣିବାରେ ସହାୟକ ହୋଇପାରେ।

## ସାପ୍ତାହିକ 'ସ୍ୱୀକାର' ପକ୍ଷରୁ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା କଳାକାର ସମ୍ମିଳନୀ

# ଲୋକକଳା ବଞ୍ଚିଲେ, ଆମେ ବଞ୍ଚିବା: କୁଳପତି

**ସମ୍ବଲପୁର :** ଲୋକକଳା କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ଗୋଟିଏ ଅଞ୍ଚଳର ଇତିହାସ, ପରମ୍ପରା, ଜୀବନଦର୍ଶନ, ଭାଷା ଓ ସଂସ୍କୃତିର ଜୀବନ୍ତ ପ୍ରତିଛବି। ଆଧୁନିକତାର ପ୍ରଭାବରେ ଅନେକ ଲୋକକଳା ବିଲୁପ୍ତି ଆଡ଼କୁ ମୁହାଁଉଥିବା ବେଳେ ସେଗୁଡ଼ିକର ସଂରକ୍ଷଣ ଓ ପ୍ରୋତ୍ସାହନ ସମୟର ଆହ୍ୱାନ ପାଲଟିଛି। ଲୋକ କଳା ବଞ୍ଚିଲେ ଆମ ସଂସ୍କୃତି ବଞ୍ଚିବ ଏବଂ ସଂସ୍କୃତି ବଞ୍ଚିଲେ ଆମେ ବଞ୍ଚିବା। ତେଣୁ ଏହା ଭବିଷ୍ୟତ ପୀଢ଼ି ପାଖରେ ଯେପରି ପହଞ୍ଚିବ,ସେ ଦିଗରେ ସର୍ବତୋ ଉଦ୍ୟମ ହେବା ଆବଶ୍ୟକତା ରହିଛି। ଆଜି 'ସାପ୍ତାହିକ 'ସ୍ୱୀକାର' ପକ୍ଷରୁ ସମ୍ବଲପୁରର ତପସ୍ୱିନୀ ପ୍ରେକ୍ଷାଳୟରେ ଆୟୋଜିତ ରାଜ୍ୟସ୍ତରୀୟ ସଂପର୍ଦ୍ଧା କଳାକାର ସମାବେଶରେ ଉଦ୍‌ବୋଧନ ଦେଇ ବିଶିଷ୍ଟ ବ୍ୟକ୍ତିମାନେ ଏହି ମତ ଦେଇଛନ୍ତି। ବିଶିଷ୍ଟ ଶିକ୍ଷାବିତ ଅରବିନ୍ଦ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମାବେଶର ଉଦଘାଟନୀ ଉତ୍ସବରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ପରମ୍ପରାର ଅନନ୍ୟ ପରିଚୟ ବହନ କରୁଥିବା ସମ୍ପର୍ଦ୍ଦା କଳା ସଙ୍ଗୀତ, ଅଭିନୟ ଓ କାହାଣୀ ମାଧ୍ୟମରେ ସମାଜରେ ନୈତିକ ମୂଲ୍ୟବୋଧ, ସାମାଜିକ ସଚେତନତା ଏବଂ ଲୋକସଂସ୍କୃତିର ପ୍ରଚାର କରିଆସୁଛି। ଏହି କଳା ଆମ ସାଂସ୍କୃତିକ ଅସ୍ମିତାର ପ୍ରତୀକ। ତେଣୁ ଏହାର ସୁରକ୍ଷା ହେଲେ ଆଗାମୀ ପିଢ଼ୀ ନିଜର ମାଟି, ଭାଷା ଓ ପରମ୍ପରା ସହ ଯୋଡ଼ି ହୋଇ ରହିପାରିବ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା, ବିଶିଷ୍ଟ ସଂସ୍କୃତି ଗବେଷକ ଡକ୍ଟର ଶ୍ୟାମ ସୁନ୍ଦର ଧର ଓ ସୁରେନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଲୋକ କଳାର ମାନ



ବର୍ତ୍ତମାନ ହ୍ରାସ ପାଉଥିବାରୁ ଉଦବେଗ ପ୍ରକାଶ କରି ଏହାର ଯେପରି ମୌଳିକତା ଅକ୍ଷୁର୍ଣ୍ଣ ରହିବ ସେ ଦିଗରେ କଳାକାରମାନେ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ଯୁବ କଣ୍ଠଶିଳ୍ପୀ ତଥା ସାହିତ୍ୟିକ ମାନସ କୁମାର ଷଡ଼ଙ୍ଗୀଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ 'ସ୍ୱୀକାର'ର ସଂପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଯୁବ କବି ତଥା ସମାଜସେବୀ ତନ୍ମୟ ବାରିକ ଓ ଚିରଞ୍ଜିବୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଲୋକପ୍ରିୟ 'ଛି ଛି ଛି ରେ ନନୀ ଛି'ଗୀତର ଅଭିନେତା ବିଭୂତି ଭୂଷଣ ବିଶ୍ୱାଳ ଏବଂ ଗତ ମ୍ୟାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍ ହାସଲ କରିଥିବା ଏବଂ ଜିଲ୍ଲାରେ ଟପ୍ପର ହୋଇଥିବା ଧନୁପାଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ବିଶ୍ୱପ୍ରସାଦ ବଳ, ଛାତ୍ରୀ ଲିଜା ପାତ୍ର, ସ୍ଥିତପ୍ରଜ୍ଞା ଧର, ଟ୍ୱିଙ୍କିଲ ନାୟକ ଓ ଶୁଭଶ୍ରୀ ନାୟକ, ଗିରିପାଲି ହାଇସ୍କୁଲର ଛାତ୍ରୀ ସୁଭଦ୍ରା ବେହେରା ପ୍ରମୁଖଙ୍କୁ 'ସ୍ୱୀକାର' ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ସମାବେଶରେ ଯୋଗ ଦେଇଥିବା ଝାରସୁଗୁଡ଼ା ଜିଲ୍ଲା ବଡ଼ଧରା ଗାଁର ସଂପ୍ରଦା, ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସବ୍‌ଡିଭିଜନ୍ ଚେରେଙ୍ଗାମାଲ, ଚକୁଳି ଏବଂ ଭୋଇଡେରା ଦଳ ସଂପ୍ରଦା ପରିବେଷଣ କରିଥିଲେ।

# ଗୁରୁଶ୍ରୀ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ ଓ ସମ୍ବଲପୁରୀ ଦିନ୍ ପାଳିତ



**ଯୁଯୁମୁରା,:**ସ୍ଥାନୀୟ ଲିଟିଲ୍ ଫ୍ଲାଓ୍ୱାର ପବ୍ଲିକ ସ୍କୁଲ ରେ ଗୁରୁ ଶ୍ରୀ ସତ୍ୟନାରାୟଣ ବହିଦାରଙ୍କର ଜନ୍ମଦିନ ଅବସରରେ ଅଗଷ୍ଟ ୧ ତାରିଖ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମିଣ୍ଟୁ ପାତ୍ର, ମୁଖ୍ୟ ଅତିଥି ଭାବରେ ପୂର୍ବତନ ବ୍ଲକ୍ ଚେୟାରମ୍ୟାନ ଅଶ୍ୱିନୀ କୁମୁରା, ସମ୍ମାନୀୟ ଅତିଥି ଭାବରେ ଡ. ଗୌରବ ଦୀପ ଯୋଗଦେଇଥିଲେ ।ସମ୍ପାଦିକା ଶ୍ରୀମତି ରୁବୀ ଦେହୁରୀ ସଭାପତିତ୍ୱ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଏକ ପାରମ୍ପରିକ ସମ୍ବଲପୁରୀ ଖାଦ୍ୟ ଶିବିର ଅନୁଷ୍ଠିତ ହୋଇଥିଲା ।ଶିକ୍ଷୟତ୍ରୀ ଶ୍ରୀମତୀ ମାତୃପ୍ରୀୟା ଶତପଥୀ ସମ୍ବଲପୁରୀ ଦିନର ଗୁରୁତ୍ୱ ଏବଂ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ । ଶେଷରେ ଶିକ୍ଷକ ସୌରଭ ରଞ୍ଜନ ମିଶ୍ରଙ୍କ ଦ୍ୱାରା ଧନ୍ୟବାଦ୍ ଅର୍ପଣ କରାଯାଇ କାର୍ଯ୍ୟକ୍ରମକୁ ସମାପ୍ତ ହୋଇଥିଲା।

# ଲାଉ ପଲାଉ

ଲାଉ , ବାସୁମତୀ ଚାଉଳ, ତେଲ , ଲୁଣ , ଜିରା ତେଜପତ୍ର, ଡ଼ାଲଚିନି, ଜାଇଫଳ, ଗୋଲମରିଚ , ଗୁଜୁରାତି, ଗାଜର , ଗ୍ରୀନ ମଟର , କାଜୁବାଦାମ, କିସମିସ ଚିନି, ପୋଦିନା ପତ୍ର, ଧନିଆ ପତ୍ର, ଗରମ ମସଲା , କସ୍ତୁରୀ ମେଥି ଘିଅ ଓ ଲେମ୍ବୁରସ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଲାଉକୁ କୋରି ତାକୁ ଭଲ ଭାବେ ଚିପୁଡ଼ି ତା'ର ପାଣି ବାହାର କରି ଦିଅନ୍ତୁ। ଏହାପରେ ବାସୁମତୀ ଚାଉଳକୁ ଧୋଇ ରଖନ୍ତୁ। ଏବେ କଡ଼େଇରେ ତେଲ ଗରମ କରି କୋରା ଲାଉକୁ ଭଲ ଭାବେ ଭାଜି ଦିଅନ୍ତୁ। ଏହା ପରେ ଆଉ ଥରେ କେଡ଼ଇରେ ତେଲ ଗରମ ଜିରା , ତେଜପତ୍ର, ଡ଼ାଲଚିନି , ଜାଇଫଳ, ଗୋଲମରିଚ , କଟା ଗାଜର , ଗ୍ରୀନ ମଟର , କାଜୁବାଦାମ ଓ କିସମିସ ପକାଇ ଭାଜନ୍ତୁ । ଏସବୁ ଭାଜି ହୋଇଯିବା ପରେ ବାସୁମତୀ ଚାଉଳ ପକାଇ ଭଲ ଭାବେ ଭାଜନ୍ତୁ। ଚାଉଳ ଅଳ୍ପ ଭାଜି ହୋଇଯିବା ପରେ ସେଥିରେ ଲାଉରସ ଓ ଆବଶ୍ୟକ ଅନୁଯାୟୀ ପାଣି ଦିଅନ୍ତୁ। ପାଣି ଫୁଟିବା ପରେ ଏଥିରେ ଭଜା ଲାଉ, ଅଳ୍ପ ଚିନି , ଲୁଣ , ପୋଦିନାପତ୍ର , କସ୍ତୁରୀ ମେଥି , ଘିଅ ଓ ଲେମ୍ବୁରସ ପକାଇ ଘୋଡ଼ାଇ ଦିଅନ୍ତୁ। ୧୦ ମିନିଟ ପରେ ଘୋଡ଼ଣୀ ବାହାର କରି ଧନିଆ ପତ୍ର ଓ ଗରମ ମସଲା ପକାଇ କଡ଼େଇକୁ ଚୁଲିରୁ ଓହ୍ଲାନ୍ତୁ। ବତର୍ମାନ ପ୍ରସ୍ତୁତ ହୋଇଗଲା 'ଲାଉ ପଲାଉ' ।



## ଖବର

# କୁମୁଡା ପାହାଡ଼ରେ ବିରାଜିତ ବାବା ଧବଳେଶ୍ୱର



ଟିଟିଲାଗଡ଼ ସହରର ଦକ୍ଷିଣ ଦିଗରେ ରହିଛି ଐତିହାସିକ କୁମୁଡା ପାହାଡ଼ । ଜନଶ୍ରୁତି ଅନୁସାରେ ଏହି କୁମୁଡା ପାହାଡ଼ ବଲାଙ୍ଗୀର ବା ପାଟଣା ରାଜ୍ୟର ଦୁର୍ଗ ଭଳି କାମ କରୁଥିଲା । ପ୍ରାୟ ଦୁଇଶହ ବର୍ଷ ପୂର୍ବେ ବଲାଙ୍ଗୀର ଓ କଳାହାଣ୍ଡି ସୀମାରେ ଥିବା ଏହି ପାହାଡ଼ ଅଞ୍ଚଳରେ କନ୍ଧ ଆଦିବାସୀମାନେ ଦେବୀପୂଜା କରି ବଳି ଦେଉଥିଲେ । ଏହି ବଳି ଯାତ୍ରା ଦେଖିବାକୁ ଆସିଥିବା ଅନ୍ତରାମ ପାଢ଼ୀ ନାମରେ ଜଣେ ବ୍ରାହ୍ମଣ ପାହାଡ଼ର ଗୁମ୍ଫାରେ ଶିବଲିଙ୍ଗକୁ ଆବିଷ୍କାର କରିଥିଲେ । ସେହି ଦିନ ଠାରୁ ତାଙ୍କ ବଂଶଧରମାନେ ଏହି ଶିବଲିଙ୍ଗକୁ ପୂଜା କରି ଆସୁଛନ୍ତି ।ଯିଏ ବାବା ଧବଳେଶ୍ୱର ଭାବେ ବିରାଜିତ। ଧବଳେଶ୍ୱର ମନ୍ଦିରକୁ ଯାଇ ପୂଜା କରିବା ଶ୍ରଦ୍ଧାଳୁଙ୍କ ପାଇଁ ସେତେ ସହଜ ନ ଥିଲା । ଗୁମ୍ଫା ଭିତରକୁ ଗୁରୁଣ୍ଡି ଗୁରୁଣ୍ଡି ଯିବାକୁ ପଡୁଥିଲା । ପରେ ଜଣେ ଶିଳ୍ପପତି ପାହାଡ଼କୁ ଖୋଦେଇ କରି ଛିଡା ହୋଇ ଯିବା ଆସିବା ପାଇଁ ସୁବିଧା କରିଥିଲେ ।ଆଜି ବି ମନ୍ଦିର ଭିତରେ ଅନେକ ଅନାବିସ୍କୃତ ଗୁମ୍ଫା ଦେଖିବାକୁ ମିଳେ । ବର୍ତ୍ତମାନ କିନ୍ତୁ ମନ୍ଦିରର ଅନେକ ପରିବର୍ତ୍ତନ ଆସିଲାଣି । ପ୍ରତ୍ନତ□ ବିଭାଗ ମଧ୍ୟ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ହାତକୁ ନେଇଛି । ବାବାଙ୍କ ପୀଠରେ ମହା ଶିବରାତ୍ରି ମେଳା ବେଶ ପ୍ରସିଦ୍ଧ ।୮ ଦିନ ଧରି ଚାଲୁଥିବା ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଲୋକଙ୍କ ଭିଡ଼ ଜମେ ।ଶ୍ରାବଣ ସୋମବାରରେ ମଧ୍ୟ କାଉଡିଆ ଓ ଶ୍ରଦ୍ଧାଳୁମାନଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳେ ଯ ବାବାଙ୍କୁ ଭସ୍ମ ଆରତୀ ମଧ୍ୟ କରାଯାଉଛି । ଯାହା ଦେଖିଲେ ଆଖି ଲାଖିଯାଏ

# ଅନିତ୍ୟ ଜଗତରେ ଭଗବାନ ହିଁ ନିତ୍ୟ

ଆମ ଦେଶର ପ୍ରାଚୀନ ଋଷିଗଣ ଭଗବାନଲାଭକୁ ହିଁ ଜୀବନର ଲକ୍ଷ୍ୟ ବୋଲି କହି ଯାଇଛନ୍ତି। ଦୁଃଖ-କଷ୍ଟର ଅବସାନ ପାଇଁ ନିଜର ସ୍ୱରୂପ ଉପଲବ୍ଧି କରି ଶାନ୍ତି ଲାଭ କରିବା ପାଇଁ ସେମାନେ ଏହି ଆଦର୍ଶକୁ ଆମମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି। ଏହି ଆଦର୍ଶ ଏତେ ପ୍ରାଣସ୍ପର୍ଶୀ ଯେ, ଏ ଦେଶର ଅସଂଖ୍ୟ ଉଚ୍ଚସ୍ତରର ମନୁଷ୍ୟ, ଏପରିକି ଅନେକ ରାଜା, ରାଜକୁମାର ଏବଂ ଜୀବନର ବିଭିନ୍ନ କ୍ଷେତ୍ରରେ ଅତି ଉନ୍ନତ ବ୍ୟକ୍ତିମାନଙ୍କ ହୃଦୟରେ ମଧ୍ୟ ତାହା ରେଖାପାତ କରିଛି। ସେମାନେ ସମସ୍ତେ ଭଗବାନଲାଭ ପାଇଁ ସର୍ବସ୍ୱ ତ୍ୟାଗ କରିଛନ୍ତି। ସେମାନେ ବୁଝିଥିଲେ, ଜଗତରେ କୌଣସି ବସ୍ତୁ ଚିରସ୍ଥାୟୀ ନୁହେଁ, ସମସ୍ତ ହିଁ ପରିବର୍ତ୍ତନଶୀଳ ଏବଂ ଏକମାତ୍ର ଭଗବାନ ହିଁ ନିତ୍ୟ ସତ୍ୟ। ଶ୍ରୀରାମକୃଷ୍ଣ କହୁଥିଲେ, 'ଯଦି ଜାଣନ୍ତି ଯେ ଜଗତଟା ନିତ୍ୟ, ତା'ହେଲେ କାମାରପୁକୁରକୁ ସୁନାରେ ଛାଉଣି କରିଦେଇ ଯାଆନ୍ତି। କିନ୍ତୁ ଦେଖୁଛି, ଜଗତଟା ଅନିତ୍ୟ।'

ରୂପ ଗୋସ୍ୱାମୀ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଜନୈକ ବିଶିଷ୍ଟ ଶିଷ୍ୟ, ବୃନ୍ଦାବନରେ ବାସ କରୁଥିଲେ; ତାଙ୍କ ଭାଇ ବଙ୍ଗଳା ନବାବଙ୍କର ମନ୍ତ୍ରୀ ଥିଲେ ଏବଂ ବିଷୟ ସମ୍ପତ୍ତିରେ ବିଶେଷ ଭାବେ ଜଡ଼ିତ ହୋଇପଡ଼ିଥିଲେ। ତାଙ୍କ ପ୍ରତି ସ୍ନେହ ପରବଶ ହୋଇ ସେ ତାଙ୍କୁ ଗୋଟିଏ ଶ୍ଲୋକ ଲେଖି ପଠାଇଲେ, ଯାହାର ଅର୍ଥ ହେଲା; ଭାବିଦେଖ, ସେ ଅଯୋଧ୍ୟାପୁରୀ ବା କେଉଁଠି, ସେ ଦ୍ୱାରିକାପୁରୀ ବା କେଉଁଠି ? ପ୍ରକୃତରେ ଜାଣିବ ଏକମାତ୍ର ଭଗବାନଙ୍କ ବ୍ୟତୀତ ଜଗତରେ ଅନ୍ୟ ସବୁ ଅନିତ୍ୟ। ଏଥିରେ ତାଙ୍କ ଭାଇଙ୍କର ଆଖି ଖୋଲିଗଲା; ସେ ବଙ୍ଗଳାର ମନ୍ତ୍ରୀତ୍ୱ ଛାଡ଼ି ବୃନ୍ଦାବନକୁ ଚାଲିଗଲେ ଏବଂ ଭଗବାନଙ୍କୁ ପ୍ରତ୍ୟକ୍ଷ କରିବା ପାଇଁ ସାଧନାରେ ମଗ୍ନ ହେଲେ। ଏହି ଆଦର୍ଶ ଚିରଦିନ ଭାରତବାସୀଙ୍କ ମନରେ ରେଖାପାତ କରିଆସୁଛି। ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, 'ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍।' 'ଯେଉଁ ଜଗତକୁ ଆସିଛ ତାହା ଅନିତ୍ୟ, ଆନନ୍ଦହୀନ, ମୋର ଭଜନ କର।' ପ୍ରକୃତରେ ଦେଖାଯାଉଛି, ଆମର ଶାସ୍ତ୍ର, ଋଷି, ଅବତାର ଓ ଆଚାର୍ଯ୍ୟଗଣ ସମସ୍ତେ ହିଁ କହିଛନ୍ତି - ବୈଷୟିକ ଜୀବନରେ ଶାନ୍ତିର ଆଶା କରନାହିଁ। ତା'ଠାରୁ ଅଲଗା ରହି ଆତ୍ମସ୍ୱରୂପ ଉପଲବ୍ଧି କରିବାକୁ ଏବଂ ଶାନ୍ତି ଲାଭ କରିବାକୁ ଚେଷ୍ଟା କର। ବିଷୟାବଦ୍ଧ ଜୀବନରେ କେବେ ହେଲେ ଶାନ୍ତି ଲାଭ ହୋଇପାରେ ନାହିଁ।

# ଶୋଇବାର ୩୦ ମିନିଟ ପୂର୍ବରୁ ଫୋନରୁ ଦୂରେଇ ରୁହନ୍ତୁ

ଗତ କିଛି ବର୍ଷର ସ୍ଥିତିକୁ ଅନୁଧ୍ୟାନ କଲେ ଜଣାପଡ଼ିଥାଏ, ପୂର୍ବେ ଲୋକ ଗପ ବହି, ପତ୍ରିକା ପଢ଼ି ଶୋଉଥିଲେ। ଏକବିଂଶ ଶତାବ୍ଦୀରେ କିନ୍ତୁ ୭୭%ରୁ ଅଧିକ ଲୋକ ସ୍ମାର୍ଟଫୋନ୍ ଦେଖିଦେଖି ଶୋଇଥାନ୍ତି। କେହି ସୋସିଆଲ୍ ସାଇଟରେ ଅନ୍-ଲାଇନ୍ ରହିବାବେଳେ ଅନ୍ୟ କେହି ସେଥିରେ ସିନେମା ଦେଖିଥାନ୍ତି। ବିଶେଷଜ୍ଞଙ୍କ ମତରେ ଏଭଳି କରୁଥିବା ବ୍ୟକ୍ତିମାନେ ଏବେଠାରୁ ସଚେତନ ହେବା ଜରୁରୀ। ନଚେତ ଆଗାମୀ ଦିନରେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଅବନତି ହେବାର ଆଶଙ୍କା ଅଧିକ। ଶୋଇବାର ୩୦ ମିନିଟ୍ ପୂର୍ବରୁ ସ୍ମାର୍ଟଫୋନକୁ ଟେବୁଲ୍ ଉପରେ କିମ୍ବା ଶୋଇବା ଘର ଆକରେ ରଖିବା ହିଁ ବୁଦ୍ଧିମାନର ପରିଚୟ।



● ୨୦୧୭ରେ ଇସ୍ରାଏଲର ଗବେଷକଙ୍କ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଥିଲା ରାତିବେଳା ସ୍ମାର୍ଟଫୋନ୍ ଅଧିକ ସମୟ ଦେଖିଲେ ତାହା କାରଣରୁ ଆମେ ଅନିଦ୍ରା ହୋଇଥାଉ। ଏଥିରୁ ବାହାରୁଥିବା ଏକ ପ୍ରକାରର 'ସ୍ଲିପ୍ ହରମୋନ୍' ଆମ ନିଦ୍ରାରେ ବାଧା ସୃଷ୍ଟି କଲାବେଳେ ଆଖି ଲାଲ ହୋଇଥାଏ। ଏପରିକି ରାତିରେ ଅଧିକ ସମୟ ସ୍ମାର୍ଟଫୋନ୍ ଦେଖିଲେ, ସକାଳୁ ଆମକୁ ଥକ୍କା ମଧ୍ୟ ଲାଗେ।

● ଅନ୍ତଃରାଷ୍ଟ୍ରୀୟ କ୍ୟାନ୍ସର ରିସର୍ଚ୍ଚ ଏଜେନ୍ସିର ପରୀକ୍ଷଣ ଅନୁସାରେ, ସ୍ମାର୍ଟଫୋନରୁ ବାହାରୁଥିବା ରଶ୍ମି ଆମ ମସ୍ତିଷ୍କ ଓ କାନ ନିମନ୍ତେ କ୍ଷତିକାରକ। ଅଧିକ ସମୟ କଥାବାର୍ତ୍ତା ହେଲେ କିମ୍ବା ଦେଖିଲେ, ପରବର୍ତ୍ତୀ ସମୟରେ ମସ୍ତିଷ୍କ ଓ କାନରେ ଟ୍ୟୁମର୍ ହେବାର ଆଶଙ୍କା ବଢ଼େ। ସ୍ମାର୍ଟଫୋନରେ ଦିନକୁ ୨ ଘଣ୍ଟାରୁ ଅଧିକ ସମୟ ବାର୍ତ୍ତାଳାପ କରୁଥିବା ଲୋକଙ୍କ ଶ୍ରବଣ ଶକ୍ତି ମଧ୍ୟ କ୍ରମଶଃ ହ୍ରାସ ପାଉଥିବାର ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି।

● ୨୦୧୪ ଜୁଲାଇ ଆମେରିକାର ଡାଲାସରେ ଜଣେ ୧୩ ବର୍ଷୀୟ ବାଳକ ନିଜ ତକିଆତଳେ ମୋବାଇଲ୍ ରଖି ଶୋଇପଡ଼ିଥିଲେ। ହଠାତ୍ କୌଣସି କାରଣରୁ ମୋବାଇଲରେ ନିଆଁ ଲାଗିଯାଇଥିଲା।

● ୨୦୧୫ ମେରେ ସେହିପରି ଏକ ଦୁର୍ଘଟଣା ଆମେରିକାର ଏକ ସହରରେ ଘଟିଥିଲା। ଜଣେ ଯୁବକ ନିଜ ସ୍ମାର୍ଟଫୋନ୍ରୁ ଖଟ ଉପରେ ରଖି ଚାର୍ଜିଂ କରୁଥିବାବେଳେ ନିଆଁ ଲାଗି କକ୍ଷଟି ଭସ୍ମୀଭୂତ ହୋଇଗଲା।

# ଭଗବାନ ଶିବଙ୍କ ତପସ୍ୟା କରି ମହାନ ବରଦାନ ପାଇଥିଲେ ଶନିଦେବ

ହିନ୍ଦୁ ଧର୍ମରେ ଶନିଦେବଙ୍କୁ ସୂର୍ଯ୍ୟ ତଥା କର୍ମଫଳ ଦାତା ବୋଲି କୁହାଯାଏ। ଶନିଦେବଙ୍କୁ ନ୍ୟାୟମୂର୍ତ୍ତି ମଧ୍ୟ କୁହାଯାଏ। ଶନିଦେବଙ୍କ ସମ୍ପର୍କରେ ଲୋକଙ୍କ ମନରେ ଅନେକ ଭ୍ରାନ୍ତ ଧାରଣା ରହିଛି। ସେଥିପାଇଁ ଅନେକ ଲୋକ ଶନିଦେବଙ୍କୁ ମାରକ, ଅଶୁଭ ଏବଂ ଦୁଃଖର କାରକ ବୋଲି କହିଥାନ୍ତି। କଶ୍ୟପ ଗୋତ୍ରୀୟ ଶନିଦେବଙ୍କ ମାତା ସୂର୍ଯ୍ୟ ପତ୍ନୀ ଛାୟାୟ ପୌରାଣିକ କଥା ଅନୁସାରେ ଶନିଦେବଙ୍କ ଜନ୍ମସ୍ଥାନ ମହାରାଷ୍ଟ୍ରର ସିଙ୍ଗାଣାପୁରରେ। ମହର୍ଷି କଶ୍ୟପ ଶନି ସ୍ତୋତ୍ରର ଏକ ମନ୍ତ୍ରରେ ସୂର୍ଯ୍ୟ ପୁତ୍ର ଶନିଦେବଙ୍କୁ ମହାବେଳୀ ଓ ଗ୍ରହମାନଙ୍କ ରାଜା ବୋଲି କହିଛନ୍ତି।



**ସୌରିଗ୍ରହରାଜେ ମହାବଳ:** ପୌରାଣିକ ମାନ୍ୟତା ଅନୁସାରେ ଶନିଦେବ ଭଗବାନ ଶିବଙ୍କ ଭକ୍ତି ଓ ତପସ୍ୟା କରି ନବଗ୍ରହରେ ସର୍ବଶ୍ରେଷ୍ଠ ସ୍ଥାନ ପ୍ରାପ୍ତ କରିଛନ୍ତି। ପୌରାଣିକ ବିଶ୍ୱାସ ଅନୁଯାୟୀ, ଭଗବାନ ସୂର୍ଯ୍ୟ ନିଜ ପତ୍ନୀ ଛାୟାଙ୍କ ପାଖକୁ ଯାଇଥିଲେ। ସୂର୍ଯ୍ୟଙ୍କ ପ୍ରକାଶ ଓ ଉଜ୍ଜ୍ୱଳ କିରଣ ଯୋଗୁଁ ତାଙ୍କ ପତ୍ନୀ ଆଖି ବନ୍ଦ କରିଦେଲେ। ସେଥିପାଇଁ ତାଙ୍କୁ ଶ୍ୟାମଳ ବର୍ଣ ପୁତ୍ର ଶନିଦେବ ପ୍ରାପ୍ତ ହୋଇଥିଲେ। ଶନିଦେବଙ୍କ ଶ୍ୟାମଳ ବର୍ଣ ଦେଖି ସୂର୍ଯ୍ୟ ଛାୟାଙ୍କ ଉପରେ ଆରୋପ ଲଗାଇଲେ ଯେ ସେ ତାଙ୍କ ପୁତ୍ର ନୁହେଁ। ସେଥିପାଇଁ ଶନିଦେବ ନିଜ ପିତାଙ୍କ ଉପରେ କ୍ରୋଧିତ ହୋଇଗଲେ। ଏହାପରେ ଶନିଦେବ ଭଗବାନ ଶିବଙ୍କ ଘୋର ତପସ୍ୟା କଲେ ଓ ନିଜ ଶରୀରକୁ ଜାଳିଦେଲେ। ଭଗବାନ ଶିବ ଶନିଦେବଙ୍କ ଭକ୍ତିରୁ ପ୍ରସନ୍ନ ହୋଇ ତାଙ୍କୁ ବର ମାଗିବାକୁ କହିଥିଲେ। ଶନିଦେବ ବର ମାଗିଥିଲେ ଯେ ଯୁଗ ଯୁଗ ଧରି ତାଙ୍କ ମାତା ଛାୟାଙ୍କ ପରାଜୟ ହେଉଛି। ତାଙ୍କ ମାତା ପିତା ସୂର୍ଯ୍ୟଙ୍କ ଦ୍ୱାରା ଲଗାତାର ନିର୍ଯ୍ୟାତିତ ହେଉଛନ୍ତି। ସେଥିପାଇଁ ସେ ନିଜ ପିତାଙ୍କ ଠାରୁ ଅଧିକ ପୂଜ୍ୟ ହେବାକୁ ଚାହୁଁଛନ୍ତି । ଯେପରି ତାଙ୍କ ଅହଂକାର ଭାଙ୍ଗିଯିବ ବୋଲି ସେ ଶିବଙ୍କୁ କହିଥିଲେ। ଭଗବାନ ଶିବ ଶନିଦେବଙ୍କୁ ବରଦାନ ଦେଇଥିଲେ ଯେ ଶନିଦେବ ନବଗ୍ରହଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ହେବେ। ପୃଥିବୀଲୋକରେ ନ୍ୟାୟାଧୀଶ ଏବଂ ଦଣ୍ଡାଧିକାରୀ ହେବେ ଏବଂ ଲୋକଙ୍କ କର୍ମ ଅନୁଯାୟୀ ନ୍ୟାୟ ଓ ଦଣ୍ଡ ଦେବେ। ମତ୍ସ୍ୟ ପୁରାଣରେ ଶନିଦେବଙ୍କ ରୂପ ବର୍ଣ୍ଣନା କରାଯାଇଛି। ତାଙ୍କ ଶରୀର ନୀଳମଣି ସହ ସମାନ। ସେ ଶାଗୁଣା ଉପରେ ବସନ୍ତି। ତାଙ୍କର ଗୋଟିଏ ହାତରେ ଧନୁସର ଓ ଅନ୍ୟ ହାତରେ ବରମୁଦ୍ରାରେ ଥାଆନ୍ତି। ଶନିଦେବ ସର୍ବଦା ନିଜ ଭକ୍ତଙ୍କୁ ସାହାଯ୍ୟ କରନ୍ତି, ନିଜ ଭକ୍ତଙ୍କ ଡାକ ଶୁଣନ୍ତି। ଦେଶର ଅନେକ ସ୍ଥାନରେ ଶନିଦେବଙ୍କ ପ୍ରସିଦ୍ଧ ମନ୍ଦିର ରହିଛି। ଶନିବାର ଦିନ ଭକ୍ତ ଶନିଦେବଙ୍କୁ ଦର୍ଶନ କଲେ ଶନିଦେବ ଭକ୍ତଙ୍କ କଷ୍ଟ ଦୂର କରିଥାନ୍ତି।

# ସକାଳେ ନିୟମିତ ପିଅନ୍ତୁ ଜୁଆଣି ପାଣି

ଜୁଆଣି ଖାଇବା ପେଟ ପାଇଁ ବହୁତ ଭଲ। ଜୁଆଣି ପାଣି ପିଇବା ଦ୍ୱାରା ଗ୍ୟାସ୍, ବଦହଜମି, ପେଟ ଯନ୍ତ୍ରଣା ଏବଂ କୋଷ୍ଠକାଠିନ୍ୟ ଦୂର ହୋଇଥାଏ। ଜୁଆଣି ଆୟୁର୍ବେଦିକ ଗୁଣରେ ପରିପୂର୍ଣ୍ଣ। ଜୁଆଣି ପାଣି ସେବନ ଦ୍ୱାରା ଓଜନ ମଧ୍ୟ ନିୟନ୍ତ୍ରଣରେ ରହିପାରେ। ଜୁଆଣିରେ ପ୍ରୋଟିନ୍, ଫ୍ୟାଟ୍, ମିନେରାଲ୍ସ, ଫାଇବର ଏବଂ



କାର୍ବୋହାଇଡ୍ରେଟ୍ ରହିଛି। ଏହା ବ୍ୟତୀତ କ୍ୟାଲସିୟମ୍, ଥିଏମାଇନ୍, ରାଇବୋଫ୍ଲାଭିନ, ଫସଫରସ୍, ଆଇରନ୍ ଏବଂ ନିୟାସିନ୍ ମଧ୍ୟ ରହିଛି। ଜୁଆଣି ଖାଇବା ଦ୍ୱାରା ଶରୀରକୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ମିଳିଥାଏ। ଜୁଆଣି ପାଣିର କଣ କଣ ଉପକାରିତା ଅଛି ଆସନ୍ତୁ ଜାଣିବା

**କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖେ:** ଜୁଆଣିରେ ଆଣ୍ଟି-ହାଇପରଲିପିଡେମିକ୍ ଉପାଦାନ ରହିଛି। ଜୁଆଣି ପାଣି ପିଇବା ଦ୍ୱାରା ଶରୀରର କୋଲେଷ୍ଟ୍ରଲ, ଏଲଡିଏଲ- କୋଲେଷ୍ଟ୍ରଲ, ଟ୍ରାଇଗ୍ଲେସିରାଇଡ ଏବଂ ମୋଟ ଲିପିଡ କମିଯାଏ। ଏହା ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

**ମୋଟାପଣ କମ କରିଥାଏ:** ଶରୀରର ଚର୍ବି ବୃଦ୍ଧି ହେତୁ ମେଦବହୁଳତା ସମସ୍ୟା ଦେଖାଦେଇଥାଏ। ମେଦବହୁଳତା ସମସ୍ୟାକୁ ହ୍ରାସ କରିବା ପାଇଁ ଜୁଆଣି ପାଣି ପିଇପାରିବେ। ସକାଳେ ଖାଲି ପେଟରେ ଜୁଆଣି ପାଣି ପିଇ ଓଜନ ସହଜରେ ନିୟନ୍ତ୍ରଣ କରିପାରିବେ।

**ଗ୍ୟାସ ସମସ୍ୟାରୁ ମୁକ୍ତି:** ଖରାପ ଜୀବନଶୈଳୀ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ଯୋଗୁଁ ଲୋକଙ୍କ ପେଟରେ ଗ୍ୟାସ ସମସ୍ୟା ଦେଖାଯାଏ। ଯଦି ଆପଣ ମଧ୍ୟ ଗ୍ୟାସ୍ ସମସ୍ୟାରେ ଅସୁବିଧାରେ ପଡ଼ନ୍ତି, ତେବେ ଜୁଆଣି ପାଣି ସେବନ କରିପାରିବେ। ଏହା ଗ୍ୟାସ ଏବଂ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ।

**ମାସିକ ଋତୁସ୍ରାବ ଯନ୍ତ୍ରଣାରୁ ଆରାମ ଦେଇଥାଏ:** ଜୁଆଣି ପାଣି ପିଇବା ମହିଳାମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ ହୋଇଥାଏ। ଏହା ମାସିକ ଋତୁସ୍ରାବ ସମୟରେ ହେଉଥିବା ପେଟ ଯନ୍ତ୍ରଣାରୁ ଆରାମ ଦେଇଥାଏ।

**ରକ୍ତ ସଞ୍ଚାଳନ ଉତ୍ତମ ରଖେ:** ମହିଳାମାନଙ୍କ ଗର୍ଭଧାରଣ ପରେ ଶରୀରରେ ସମାନ ରକ୍ତ ସଞ୍ଚାଳନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ। ଏପରି ପରିସ୍ଥିତିରେ, ଯଦି ଆପଣ ଜୁଆଣି ପାଣି ସେବନ କରନ୍ତି ତେବେ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ।

# ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍‌ରୁ ବୁମ୍‌ରା ଆଉଟ୍

ନୂଆଦିଲ୍ଲୀ,୦୨/୦୮; ଟିମ୍ ଇଣ୍ଡିଆକୁ ଶକ୍ତ ଧକ୍କା । ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ ଭାରତକୁ ୪୪୦ ଭୋଲ୍ଟର ଶକ୍ତ ଝଟକା ଲାଗିଛି । ଷ୍ଟାର ପେସର ଜସପ୍ରିତ ବୁମରାହ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜରେ ଖେଳିବେ ନାହିଁ । ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହାଁନ୍ତି । ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ଅଂଶ ଭାବରେ ଭାରତ ଶ୍ରୀଲଙ୍କାରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି । ଏହି ସିରିଜରୁ ବାଦ୍ ପଡ଼ିଛନ୍ତି ଭାରତର ଘାତକ ବୋଲର ଯଶପ୍ରୀତ ବୁମରା । କିଛି ଦିନ ତଳେ ତାଙ୍କ ଫିଟନେସ୍ ରିପୋର୍ଟ ଆସିଥିଲା ତାଙ୍କୁ କ୍ଲିୟରାନ୍ସ ମିଳିଥିଲା କିନ୍ତୁ ଜାତୀୟ ଗଣମାଧ୍ୟମରୁ ଏବେ ଖବର ଆସୁଛି ସେ ସିରିଜରୁ ବାଦ ପଡିଛନ୍ତି ।

ଭାରତର ଶ୍ରେଷ୍ଠ ପେସ୍ ବୋଲର ଯଶପ୍ରୀତ ବୁମରା ଫିଟନେସ୍ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇଥିବା ଜୁଲାଇ ୩୧ରେ ରିପୋର୍ଟ ଆସିଥିଲା । ଫଳରେ ଆଗାମୀ ଶ୍ରୀଲଙ୍କା ଗସ୍ତରେ ସେ ୨ଟି ଯାକ ଟେଷ୍ଟ ଖେଳିବା ନିଶ୍ଚିତ ହୋଇଥିଲା । ଆସନ୍ତା ୪ ତାରିଖରେ ଭାରତୀୟ ଦଳ ଶ୍ରୀଲଙ୍କା ଗସ୍ତ କରି ୨ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ । ୧୫ ତାରିଖରୁ ଟେଷ୍ଟ ସିରିଜ ଆରମ୍ଭ ହୋଇ ୨୭ ତାରିଖରେ ଶେଷ ହେବ । ୩ ତାରିଖ ଦିନ ଭାରତୀୟ ଦଳର ସମସ୍ତ ସଦସ୍ୟ



ମୁମ୍ବାଇରେ ଏକତ୍ରିତ ହେବାକୁ ନିର୍ଦ୍ଦେଶ ରହିଛି । ବୁମରା ଗତ ଇଂଲଣ୍ଡ ଗସ୍ତ ସମୟରେ ଆହତ ହୋଇଥିଲେ । ଅଭ୍ୟାସ ସମୟରେ ବାମ ଆଣ୍ଠୁରେ ଆଘାତ ଯୋଗୁଁ ସେ ତୃତୀୟ ଦିନିକିଆ ଖେଳିପାରି ନଥିଲେ । ଶ୍ରୀଲଙ୍କା ଗସ୍ତ ପାଇଁ ଚୟନ କମିଟି ତାଙ୍କୁ ଟେଷ୍ଟ ଦଳରେ ସ୍ଥାନ ଦେଇଥିଲେ ହେଁ ଫିଟନେସ୍ ଟେଷ୍ଟ ଉପରେ ତାଙ୍କ ଖେଳିବା ନିର୍ଭର କରିବ ବୋଲି ସ୍ପଷ୍ଟ କରିଥିଲା । ବେଙ୍ଗାଲୁରୁ ସ୍ଥିତ ବିସିସିଆଇ ଉତ୍କର୍ଷ କେନ୍ଦ୍ର (ଏନ୍‌ସିଏ) ପକ୍ଷରୁ ତାଙ୍କୁ ଫିଟ୍ ଘୋଷଣା କରାଯାଇଥିଲା । ଯାହା ଭାରତ ପାଇଁ ଏକ ଖୁସି ଖବର ଥିଲା । କିନ୍ତୁ ଏବେ ଖବର ଆସୁଛି କି, ବୁମରା ସିରିଜରୁ ବାଦ ପଡିଛନ୍ତି । ଫିଟ୍ ନଥିବାରୁ ତାଙ୍କୁ ଆଗମୀ ସିରିଜରୁ ବାଦ ଦିଆଯାଇଛି । ୩୨ ବର୍ଷୀୟ ବୁମରାଙ୍କର ବାମ ଆଣ୍ଠୁରେ ସମସ୍ୟା ରହିଛି । ତାଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦିଆଯାଇଛି । ୨୦୨୬ ଟି-ଟ୍ୱେଣ୍ଟି ବିଶ୍ୱକପ ଶେଷରେ ବୁମରାଙ୍କ ଆଣ୍ଠୁ ସମସ୍ୟା ଅଧିକ ଖରାପ ହେବାରୁ ତାଙ୍କୁ ଇଞ୍ଜେକ୍ସନ ନେବାକୁ ପଡିଥିଲା । ବିସିସିଆଇ ଡାକ୍ତରୀ ଦଳ ପରାମର୍ଶ ଦେଇଥିଲେ । ବୁମରା ଗତ ମାସରେ ନିର୍ଦ୍ଧାରିତ ସମୟ ଅନୁସାରେ ଇଞ୍ଜେକ୍ସନ ନେଇଥିଲେ । ତଥାପି, ବୁମରା ସମ୍ପୂର୍ଣ୍ଣ ସୁସ୍ଥତା ଆକଳନଠାରୁ ଅଧିକ ସମୟ ଲାଗିପାରେ ।

ବୁମରାଙ୍କ ବ୍ୟତୀତ ଆଉ କିଛି ଖେଳାଳି ସମ୍ପ୍ରତି ଏନ୍‌ସିଏରେ ଚିକିତ୍ସିତ ହେଉଛନ୍ତି । ଇଂଲଣ୍ଡ ଗସ୍ତରେ ଆହତ ହୋଇଥିବା ୱାସିଂଟନ ସୁନ୍ଦର ଫିଟ୍ ହୋଇ ନଥିବାବେଳେ ହର୍ଷିତ ରାଣା ଓ ନୀତିଶ କୁମାର ରେଡ୍ଡୀଙ୍କୁ ଫିଟ୍ ହେବା ପାଇଁ ଦୀର୍ଘ ସମୟ ଲାଗିବ ବୋଲି ଜଣା ପଡିଛି । ସୁନ୍ଦର ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଫିଟ୍ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଆଇପିଏଲ୍ ସମୟରେ ଆହତ ହୋଇଥିବା ଅନ୍ୟ ପେସ୍ ବୋଲର ଆକାଶଦୀପ ମଧ୍ୟ ଫିଟ୍ ହୋଇ ନାହାନ୍ତି ।

### ସିବିଏସ୍‌ଇ ପୂର୍ବାଞ୍ଚଳ ତୀରନ୍ଦାଜୀ

## ୩ ସ୍ୱର୍ଣ୍ଣ ଜିତିଲେ କ୍ଷୀରୋଦ

ଭୁବନେଶ୍ୱର, ୨।୮ : ଭବାନୀପାଟଣାର ବିକାଶ ଆବାସିକ ବିଦ୍ୟାଳୟ ଦ୍ୱାରା ଆୟୋଜିତ ସିବିଏସ୍‌ଇର ପୂର୍ବାଞ୍ଚଳ ତୀରନ୍ଦାଜୀ ଚାମ୍ପିଅନସିପରେ ୧୯ ବର୍ଷରୁ କମ୍ ଭାରତୀୟ ବର୍ଗରେ ୪୦ ମିଟର ଏବଂ ୩୦ ମିଟର ଇଭେଣ୍ଟରେ ତିନୋଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି କଳାହାଣ୍ଡିର କ୍ଷୀରୋଦ କୁମାର । ୧୧ଟି ରାଜ୍ୟର ୪୩୭ ଜଣ ତୀରନ୍ଦାଜ ଅଂଶଗ୍ରହଣ କରିଥିଲେ । ଏହି ସଫଳତା ସହିତ କ୍ଷୀରୋଦ କୁମାର ଏବଂ ଓମ୍‌କାର ମାଝୀ ସିବିଏସ୍‌ଇ ଜାତୀୟ ତୀରନ୍ଦାଜୀ ଚାମ୍ପିଅନସିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ଉଭୟ ଆଥଲେଟ୍ ଗତ ଚାରି ବର୍ଷ ଧରି ବେଦାନ୍ତ ଆଲୁମିନିୟମର ତୀରନ୍ଦାଜୀ ତାଲିମ କାର୍ଯ୍ୟକ୍ରମ ଅଧୀନରେ ପ୍ରଶିକ୍ଷଣ ନେଉଛନ୍ତି । କ୍ଷୀରୋଦ ଜୋନ୍ ସ୍ତରରେ ଏପର୍ଯ୍ୟନ୍ତ ୧୫ଟି ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଓମ୍‌କାର ରାଜ୍ୟ ତଥା ଜୋନାଲ ସ୍ତରୀୟ ପ୍ରତିଯୋଗିତାରେ ତିନୋଟି ରୌପ୍ୟ ଏବଂ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଡୋଲା ଏବଂ ରାହୁଲ ବାନାର୍ଜୀ ସ୍ପୋର୍ଟସ୍ ଫାଉଣ୍ଡେସନ୍‌ସହଭାଗିତାରେ ୨୦୧୮ରେ ଆରମ୍ଭ ହୋଇଥିବା ବେଦାନ୍ତର ଏହି ପଦକ୍ଷେପ ସମ୍ପ୍ରଦାୟର ଯୁବ ପ୍ରତିଭାଙ୍କୁ ତୀରନ୍ଦାଜୀ ଏବଂ ଆଥଲେଟିକ୍ସରେ ପେସାଦାର ପ୍ରଶିକ୍ଷଣ ପ୍ରଦାନ କରୁଛି, ଯେଉଁଥିରେ ୩୦୦ରୁ ଅଧିକ ଯୁବକ ତାଲିମ ପାଇବା ସହିତ ୫୦ରୁ ଅଧିକ ଖେଳାଳି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଏହି ଅଞ୍ଚଳକୁ ପ୍ରତିନିଧିତ୍ୱ କରିବାକୁ ସକ୍ଷମ ହୋଇଛନ୍ତି ।




# ତିରୁମାଳା ମନ୍ଦିରରେ ପାଣ୍ଡ୍ୟା



ନୂଆଦିଲ୍ଲୀ,୦୨/୦୮; ଟିମ୍ ଇଣ୍ଡିଆର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଖାସ୍ କାରଣ ପାଇଁ ସର୍ବଦା ଚର୍ଚ୍ଚାରେ ରହିଥାନ୍ତି । ଏଥର ପାଣ୍ଡ୍ୟା ତାଙ୍କର ନୂଆ ଲୁକକୁ ନେଇ ଚର୍ଚ୍ଚାରେ ରହିଛନ୍ତି । ଗର୍ଲଫ୍ରେଣ୍ଡ ମାହିକା ଶର୍ମାଙ୍କ ସହ ଆନ୍ଧ୍ରପ୍ରଦେଶ ତିରୁମାଳା ସ୍ଥିତ ଭଗବାନ ଶ୍ରୀ ଭେଙ୍କଟଶ୍ୱର ସ୍ୱାମୀ ମନ୍ଦିର ପରିଦର୍ଶନ କରିଛନ୍ତି ହାର୍ଦ୍ଦିକ । ତାଙ୍କ ଲୁକ୍ କଥା କହିବାକୁ ଗଲେ ସେ ଲଣ୍ଡା ହୋଇଛନ୍ତି । ଧଳା ଧୋତି ପରିଧାନ କରି ଭଗବାନଙ୍କ ଶରଣରେ ପଶିଛନ୍ତି ପାଣ୍ଡ୍ୟା । ଆଜି ସକାଳୁ ସକାଳୁ ଦୁହେଁ ଭଗବାନ ଭେଙ୍କଟେଶ୍ୱରଙ୍କ ଆଶୀର୍ବାଦ ନେଇଛନ୍ତି । ଦୁହେଁ ବିଧି-ବିଧାନ ସହ ପୂଜାର୍ଚ୍ଚନା ଏବଂ ସକାଳ ସେବାରେ ସାମିଲ ହୋଇଛନ୍ତି । ଭକ୍ତିରେ ବୁଡିଯାଇଥିଲେ ହାର୍ଦ୍ଦିକ ଏବଂ ମାହିକା ।

ଭକ୍ତିରେ ହଜିଛନ୍ତି ହାର୍ଦ୍ଦିକ-ମାହିକା- ଭଗବାନ ଶ୍ରୀ ଭେଙ୍କଟଶ୍ୱର ସ୍ୱାମୀ ମନ୍ଦିର ପରିଦର୍ଶନ କରିଥିବାର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ସାମ୍ନାକୁ ଆସିଛି । ହାର୍ଦ୍ଦିକଙ୍କ ନୂଆ ଲୁକ୍ ନୂଆ ଅନ୍ଦାଜ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି । ହାର୍ଦ୍ଦିକ ମୁଣ୍ଡନ କରିଛନ୍ତି । ତାଙ୍କର ଏହି ଲୁକ୍ ଦେଖି ଫ୍ୟାନ୍ସ ଆଶ୍ଚର୍ଯ୍ୟ ହୋଇଛନ୍ତି । ହାର୍ଦ୍ଦିକ ମନ୍ଦିରକୁ ପାରମ୍ପରିକ ଧଳା କୁର୍ତ୍ତା, ପାଇଜାମା ପିନ୍ଧିଛନ୍ତି । ମଥାରେ ଟିକା ଲଗାଇଛନ୍ତି । ଏକଦମ ଭକ୍ତିରେ ବୁଡିଯାଇଛନ୍ତି ।

ମନ କିଣିଲା ମାହିକାଙ୍କୁ ଲୁକ୍- ଅନ୍ୟପଟେ ହାର୍ଦ୍ଦିକଙ୍କ ଗର୍ଲଫ୍ରେଣ୍ଡ ମାହିକା ଶର୍ମା ସାଲୱାର ସୁଟ୍ ପିନ୍ଧିଥିବା ଦେଖିବାକୁ ମିଳିଛି । ମାହିକା ମଥାରେ ଟିକା ଲଗାଇଛନ୍ତି । କେଶ ଖୋଲା ରଖିଛନ୍ତି । ନୋ-ମେକଅପ ଲୁକରେ ମାହିକା ଫ୍ୟାନ୍ସଙ୍କ ହୃଦୟ କିଣିଛନ୍ତି । ହାର୍ଦ୍ଦିକଙ୍କ କଥା କହିବାକୁ ଗଲେ, ସେ କ୍ରିକେଟ ସହିତ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ରହିଥାନ୍ତି । ନତାଶା ଷ୍ଟେନକୋଭିକଙ୍କ ସହ ଛାଡପତ୍ର ହେବା ପରେ ହାର୍ଦ୍ଦିକଙ୍କର ମାହିକଙ୍କା ସହ ସମ୍ପର୍କ ଯୋଡ଼ି ହୋଇଛି । ଦୁହେଁ ଯେବେଠୁ ସେମାନଙ୍କ ସମ୍ପର୍କକୁ ଅଫିସିଆଲ କରିଛନ୍ତି, ସେବେଠୁ ଦୁହେଁଙ୍କୁ ଅନେକ ସମୟରେ ଏକାଠି ଦେଖିବାକୁ ମିଳିଛି । ଫ୍ୟାନ୍ସ ତାଙ୍କ ବାହାଘରକୁ ଅପେକ୍ଷା କରିଛନ୍ତି । ଦୁହେଁ କେବେ ବିବାହ କରି ଶୁଭ ଖବର ଦେଉଛନ୍ତି ଅପେକ୍ଷାରେ ତାଙ୍କ ପ୍ରଶଂସକ ।

## ତନବୀଙ୍କୁ ଐତିହାସିକ ତାଇପେଇ ଓପନ୍ ଟ୍ରଫି

ତାଇପେଇ:ଭାରତର ୧୭ ବର୍ଷୀୟା ଯୁବତୀ ତନ୍ୱୀ ଶର୍ମା ରବିବାର ନିଜର ପ୍ରଥମ ବିଡବ୍ଲ୍ୟୁଏଫ୍ ମୁକୁଟ କରାୟତ୍ତ କରିଛନ୍ତି । ଏଠାରେ ଆୟୋଜିତ ତାଇପେଇ ଓପନ୍ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ମହିଳା ଏକକ ଟ୍ରଫି ଜିତି ନିଜ କ୍ୟାରିୟର୍‌ରେ ତନ୍ୱୀ ଏହି ଐତିହାସିକ ସଫଳତା ପାଇଛନ୍ତି । ଗତ ବର୍ଷ ୟୁଏସ୍ ଓପନ୍ ୩୦୦ ଉପବିଜୟିନୀ ତନ୍ୱୀ ଫାଇନାଲ୍‌ରେ ଷଷ୍ଠ ମାନ୍ୟତାପ୍ରାପ୍ତ ଭିଏତ୍‌ନାମର ଥୁୟ ଲିନ୍ ଗୁଏଁଙ୍କୁ ମାତ୍ର ୩୬ ମିନିଟ୍‌ରେ ୨୧-୧୬, ୨୧-୧୬ରେ ମାତ୍ ଦେଇଥିଲେ ।

ବିଶ୍ୱର ଏହି ପୂର୍ବତନ କନିଷ୍ଠ ୧ ନମ୍ବର ଖେଳାଳି ୧୭ ବର୍ଷ ୨୨୨ ଦିନ ବୟସରେ ଏଠାରେ ଫାଇନାଲ୍ ଖେଳିବାରେ ସର୍ବକନିଷ୍ଠ ହୋଇଛନ୍ତି । ତାଙ୍କ ପୂର୍ବରୁ ଲି ୟଙ୍ଗ ଡାଏ ୧୭ ବର୍ଷ ୨୮୭ ଦିନ ସର୍ବକନିଷ୍ଠ ଖେଳାଳି ଥିଲେ । ସେ ୨୦୦୭ରେ ପୁରୁଷ ଯୁଗଳ ଫାଇନାଲ୍ ଖେଳିଥିଲେ । ପ୍ରଥମ ଭାରତୀୟ ବାଳିକା ଭାବେ ବିଶ୍ୱ କନିଷ୍ଠ ପ୍ରତିଯୋଗିତାର ଗୋଟିଏ ସଂସ୍କରଣରେ ୨ଟି ପଦକ (ବାଳିକା ଏକକରେ ରୌପ୍ୟ ଓ ମିଶ୍ରିତ ଯୁଗଳରେ କାଂସ୍ୟ) ଜିତିଥିବା ତନ୍ୱୀ ମଧ୍ୟ ଏସୀୟ ଟିମ୍ ବ୍ୟାଡ୍‌ମିଣ୍ଟନ ସ୍ୱର୍ଣ୍ଣ ବିଜେତା ଭାରତୀୟ ଦଳର ସଦସ୍ୟ ରହିଥିଲେ ।

# ରାଜ୍ୟଗୋଷ୍ଠୀ କ୍ରୀଡ଼ା: ମୁଷ୍ଟିଯୁଦ୍ଧରୁ ୭ ସ୍ୱର୍ଣ୍ଣ, ୩ ରୌପ୍ୟ

ଗ୍ଲାସଗୋ: ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଶନିବାର ସ୍ୱର୍ଣ୍ଣିମ ସଫଳତା ଆଣିଛନ୍ତି ଭାରତୀୟ ମହିଳା ମୁଷ୍ଟିଯୋଦ୍ଧା । ୧୦ ଜଣ ଭାରତୀୟ ମୁଷ୍ଟିଯୋଦ୍ଧା ଫାଇନାଲ୍‌ରେ ପହଞ୍ଚିଥିବାବେଳେ ୭ ଜଣ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ୫ ମହିଳା ଓ ୨ ପୁରୁଷ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ମହିଳା ୫୪ କିଲୋଗ୍ରାମରେ ପ୍ରୀତି ପାୱାର, ୫୭ କିଲୋଗ୍ରାମରେ ଜସ୍ମିନ୍ ଲାମ୍ବୋରିଆ, ୫୧ କିଲୋଗ୍ରାମରେରେ ସାକ୍ଷୀ ଚୌଧୁରୀ, ୬୦ କିଲୋଗ୍ରାମରେ ପ୍ରିୟା ଘନଘାସ୍, ୭୦ କିଲୋଗ୍ରାମରେ ଅରୁନ୍ଧତୀ ଚୌଧୁରୀ, ସଚିନ ସିୱାଚ ପୁରୁଷ ୬୦ କିଲୋଗ୍ରାମରେ ସ୍ୱର୍ଣ୍ଣ ପଦକ ଜିତି ଦେଶ ପାଇଁ ସଫଳତା ଆଣିଛନ୍ତି । ତେବେ ମହିଳା ୭୫ କିଲୋଗ୍ରାମରେ ଲଭ୍‌ଲୀନା ବର୍ଗହାଇଁ ଅଷ୍ଟ୍ରେଲିଆର ଏମା ଗ୍ରିନଟ୍ରିଙ୍କଠାରୁ, ପୁରୁଷ ୫୫ କିଲୋଗ୍ରାମ ଫାଇନାଲ୍‌ରେ ଯଦୁମଣି ସିଂହ, ପୁରୁଷ ୯୦ କିଲୋଗ୍ରାମ ବର୍ଗରେ । ଭାରତର ନରେନ୍ଦର ବନୱାଲ ପରାସ୍ତ ହୋଇ ରୌପ୍ୟରେ ସନ୍ତୁଷ୍ଟ ରହିଛନ୍ତି । ଏଥି ସହିତ ଭାରତର ସ୍ୱର୍ଣ୍ଣ ପଦକ ସଂଖ୍ୟା ଦୁଇ ଅଙ୍କ ଅତିକ୍ରମ କରିବା ସହ ମୋଟ ପଦକ ୩୭ ଟପିଛି । ଏଥି ସହିତ ଭାରତ ପଦକ ତାଲିକାରେ ନବମ/ଦଶମ ସ୍ଥାନରୁ ଚତୁର୍ଥ ସ୍ଥାନକୁ ଲମ୍ଫ ମାରିଛି । ୧୩ ସ୍ୱର୍ଣ୍ଣ ସହ ୩୮ ପଦକ ଜିତି ନେଇଛି ।



ମହିଳା ୫୪ କିଲୋଗ୍ରାମ ଫାଇନାଲରେ ବିଶ୍ୱ ମାନ୍ୟତାର ତୃତୀୟ ସ୍ଥାନରେ ଥିବା ପ୍ରୀତି ପାୱାର କାନାଡାର ସ୍କାର୍ଲେଟ୍ ଡେଲଗାଡୋଙ୍କୁ ୫-୦ ବ୍ୟବଧାନରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ପ୍ରୀତି ପ୍ରଥମ ରାଉଣ୍ଡରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ । ପାଞ୍ଚଜଣ ବିଚାରକ ପ୍ରଥମ ରାଉଣ୍ଡରେ ତାଙ୍କ ସପକ୍ଷରେ ୧୦-୮ ସ୍କର ଦେଇଥିଲେ । ପରବର୍ତ୍ତୀ ରାଉଣ୍ଡରେ ମଧ୍ୟ ସେ ସମାନ ଆଧିପତ୍ୟ ଜାରି ରଖି ଭାରତ ପାଇଁ ଦିନର ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଏହାପୂର୍ବରୁ ସେମିଫାଇନାଲରେ ପ୍ରୀତି ଜାମ୍ବିଆର କ୍ୟାଥରିନ୍ ମ୍ୱାପେଙ୍କୁ ମଧ୍ୟ ୫-୦ ବ୍ୟବଧାନରେ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲେ । ସେହିଭଳି ମହିଳା ୫୭ କିଲୋଗ୍ରାମ ବର୍ଗ ଫାଇନାଲରେ ବର୍ତ୍ତମାନର ବିଶ୍ୱ ଚାମ୍ପିଅନ୍ ଜସ୍ମିନ୍ ଲାମ୍ବୋରିଆ ଉତ୍ତର ଆୟରଲ୍ୟାଣ୍ଡ ଚାମ୍ପିଅନ୍ ମାଇକେଲା ୱାଲସ୍‌ଙ୍କୁ ୫-୦ ବ୍ୟବଧାନରେ ହରାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଜସ୍ମିନ୍ ଓ ୱାଲସ୍‌ଙ୍କ ମଧ୍ୟରେ ପ୍ରଥମ ରାଉଣ୍ଡ ରୋମାଞ୍ଚକର ଥିଲା । ବିଭାଜିତ ନିଷ୍ପତ୍ତିରେ ଜସ୍ମିନ୍ ଏହି ରାଉଣ୍ଡ ଜିତିଥିଲେ । ତେବେ ଦ୍ୱିତୀୟ ରାଉଣ୍ଡରେ ସେ ଜୋରଦାର ପଞ୍ଚ୍ ମାରି ପ୍ରତିଦ୍ୱନ୍ଦ୍ୱୀଙ୍କୁ ଚାପରେ ରଖିଥିଲେ ଏବଂ ସର୍ବସମ୍ମତ ନିଷ୍ପତ୍ତିରେ ରାଉଣ୍ଡ ଜିତି ସ୍ୱର୍ଣ୍ଣ ପଦକ ନିଶ୍ଚିତ କରିଥିଲେ ।

୫୧ କିଲୋଗ୍ରାମ ଫାଇନାଲ୍‌ରେ ସାକ୍ଷୀ ଚୌଧୁରୀ ଇଂଲଣ୍ଡର ରୁବି ହ୍ୱାଇଟ୍‌ଙ୍କୁ ପରାସ୍ତ କରିଥିବାବେଳେ ୬୦ କିଲୋଗ୍ରାମ ବର୍ଗରେ ପ୍ରିୟା ଘନଘାସ୍ କାନାଡାର ମାରି ବାଉଥୁଲ ଅଲ୍-ଅହମଦିଏଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ଜିତିଛନ୍ତି । ସେହିପରି ୭୦ କିଲୋଗ୍ରାମରେ ଅରୁନ୍ଧତୀ ଚୌଧୁରୀ ଇଂଲଣ୍ଡର ଚାଣ୍ଟେଲ୍ ରେଡ୍‌ଙ୍କୁ ପରାସ୍ତ କରିଥିଲେ ।

ଭାରତର ସଚିନ ସିୱାଚ ପୁରୁଷ ୬୦ କିଲୋଗ୍ରାମ ଫାଇନାଲ୍‌ରେ ନାମ୍ବିୟାର ଟ୍ରାଏଗେନ୍ ମର୍ଣ୍ଣିଂ ଏନଡେଭେଲୋଙ୍କୁ ପରାସ୍ତ କରିଥିଲେ । ଚଳିତ ସଂସ୍କରଣରେ ପ୍ରଥମ ଭାରତୀୟ ମୁଷ୍ଟିଯୋଦ୍ଧା ଭାବେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ପ୍ରଥମ ରାଉଣ୍ଡ୍‌ରେ ପଛରେ ପଡିଯିବା ପରେ ସଚିନ ଚମତ୍କାର ପ୍ରତ୍ୟାବର୍ତନ କରି ବାଉଟ୍‌କୁ ଜିତି ନେଇଥିଲେ ।

ଭାରତ ପାଇଁ ମୁଷ୍ଟିଯୁଦ୍ଧରୁ ସପ୍ତମ ସ୍ୱର୍ଣ୍ଣ ପଦକଟି ଜିତିଥିଲେ ଅଙ୍କୁଶ ପଙ୍ଗଲ୍ । ପୁରୁଷ ୮୦ କିଲୋଗ୍ରାମ ଓଜନ ବର୍ଗରେ ଅଙ୍କୁଶ ଇଂଲଣ୍ଡର ଡିମେଜୀ ଶିଟୁଙ୍କ ବିପକ୍ଷରେ ବିଜୟୀ ହୋଇଥିଲେ । ପ୍ରଥମ ଦୁଇଟି ରାଉଣ୍ଡ୍‌କୁ ଅଙ୍କୁଶ ୩-୨, ୩-୨ରେ ଜିତିବା ପରେ ତୃତୀୟଟିରେ ୪-୧ ବାଜି ମାରିଥିଲେ । ଏହା ପରେ ଅନ୍ତିମ ତଥା ଶେଷ ବାଉଟ୍ ଥିଲା ପୁରୁଷ ୯୦ କିଲୋଗ୍ରାମ ବର୍ଗରେ । ଭାରତର ନରେନ୍ଦର ବନୱାଲ ୦-୫ରେ ଇଂଲଣ୍ଡର ଡାମର ଥମାସଙ୍କଠାରୁ ହାରି ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲେ ।

# ଅସ୍ମିତାଙ୍କ ସଂଘର୍ଷ କାହାଣୀ

ନୂଆଦିଲ୍ଲୀ, ୨।୮; ତ୍ରିପୁରାର ଏକ ଛୋଟ ଗାଁରେ ଚାଳ ଛପର ମାଟି ଘର । ଯେଉଁ ଘରକୁ ଘେରି ରହିଥାଏ ଗରିବି ଓ ଖାଦ୍ୟାଭାବର କଳାବାଦଲ । ଏହି ମାଟି ଘରେ ଜନ୍ମ ନିଏ ଏକ ବିଶାଳ ସ୍ୱପ୍ନ । 'ବିଶ୍ୱର ସର୍ବୋଚ୍ଚ କ୍ରୀଡା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ।' ଝିଅର ସ୍ୱପ୍ନକୁ ସଫଳ କରିବା ପାଇଁ ଗରିବ ବାପା ପଛାଏ ନାହିଁ । ଗାଁ ମୁଣ୍ଡରେ ଏକ ସାଇକେଲ ମରାମତି ଦୋକାନରୁ ଯାହା ରୋଜଗାର କରେ, ଝିଅର ପ୍ରଶିକ୍ଷଣରେ ଖର୍ଚ୍ଚ କରେ । ସମୟ ବଦଳେ । ରାଜ୍ୟଗୋଷ୍ଠୀ କ୍ରୀଡାରେ ଝିଅ ସ୍ୱର୍ଣ୍ଣ ପଦକ ଜିତେ । ହେଲେ ଝିଅର ସଫଳତା ଖୁସିରେ ଆତ୍ମହରା ହେବା ପାଇଁ ପାଖରେ ନଥାଏ ଏହି ଗରିବ ବାପା । ୭ ମାସ ତଳେ ବ୍ରେନ ଷ୍ଟ୍ରୋକରେ ଆଖି ବୁଜିଥିଲେ ବାପା । ଗ୍ଲାସୋଗୋରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡାରେ ବାପାଙ୍କ ସପ୍ନକୁ ଅସ୍ମିତା ପୂରଣ କରିଛନ୍ତି ।

ଭାରତର ପ୍ରଥମ ଜୁଡୋକା ଭାବେ ସେ ରାଜ୍ୟଗୋଷ୍ଠୀ କ୍ରୀଡାରେ ସ୍ୱର୍ଣ୍ଣ ଜିତି ଇତିହାସ ରଚିଛନ୍ତି । ଅସ୍ମିତା ଜୁଡୋକୁ କ୍ୟାରିୟର ରୂପେ ବାଛି ନେଇଥିଲେ । ବାପା ପ୍ରଥମ ସମର୍ଥକ ରୂପେ ତାଙ୍କ ସହ ଛିଡା ହୋଇଥିଲେ । ଗାଁ ଲୋକେ ତାଚ୍ଛଲ୍ୟ କରିବା ଆରମ୍ଭ କଲେ । ବାପା କେବଳ ହସି ଦେଇ ଲୋକଙ୍କ କଥାକୁ ଏଡାଇ ଯାଉଥିଲେ ଓ ଝିଅର ଉତ୍ସାହ ବଢ଼ାଉଥିଲେ । ୧୨ ବର୍ଷ ବୟସରେ ଏକ ଦକ୍ଷତା ଅନ୍‌ୱେଷଣ କାର୍ଯ୍ୟକ୍ରମରେ ଅସ୍ମିତା ଚମତ୍କାର ପ୍ରଦର୍ଶନ କରି କୋଚଙ୍କୁ ପ୍ରଭାବିତ କରିଥିଲେ । ତାଙ୍କୁ ରାଜ୍ୟ ପ୍ରତିଯୋଗିତାରେ ଭାଗ ନେବାକୁ ସୁଯୋଗ ମିଳିଥିଲା । ଉନ୍ନତ ପ୍ରଶିକ୍ଷଣର ସୁଯୋଗ ମିଳିବା ମାତ୍ରେ ବାପା ପ୍ରଥମେ କୋଚଙ୍କୁ ହାତ ଯୋଡି କହିଥିଲେ, ସାର... ଆମେ ଗରିବ ଲୋକ । ପିଲାର ଭବିଷ୍ୟତ ଗିବା ଭଳି ଆର୍ଥିକ କ୍ଷମତା ନାହିଁ । ରାସନ କାର୍ଡ ଯୋଗୁଁ ଦୁଇ ବେଳା ଖାଇବାକୁ ମିଳି ପାରୁଛି । ସୀମିତ ରୋଜଗାରରେ ମୋ ଝିଅର ସ୍ୱପ୍ନ ପୂରଣ କରିବା କଷ୍ଟକର । ଆପଣଙ୍କ ଆଶୀର୍ବାଦ ମୋ ଝିଅର ସ୍ୱପ୍ନ ପୂରଣ କରାଇ ପାରିବ ।

ନିକଟରେ ଛିଡା ହୋଇ କୋଚ ଓ ବାପାଙ୍କ ବାର୍ତ୍ତାଳାପ ଶୁଣୁଥିବା ଅସ୍ମିତା ବାପାଙ୍କ ପ୍ରତ୍ୟେକ କଥାକୁ ସତ କରି ଦେଖାଇବାକୁ ଶପଥ



କରିଥିଲେ । ସେବେଠୁ ଆରମ୍ଭ ହୋଇଥିଲା କଠିନ ପରିଶ୍ରମ । କମ ବୟସରୁ ପରିବାରଠୁ ଦୂରରେ ରହି ସ୍ୱପ୍ନକୁ ସାକାର କରିବା ପାଇଁ ଲାଗି ପଡିଥିଲେ ଅସ୍ମିତା । ଜୁଡୋ ଭଳି ଲୋକପ୍ରିୟତା ହରାଇଥିବା ଏକ ଅନାଲୋଚିତ ଖେଳରେ ଦେଶ ପାଇଁ ପଦକ ଜିତିବା ସହଜ ନଥିବା ଅନୁଭବ କରୁଥିଲେ ହେଁ ଅସ୍ମିତା ହାର୍ ମାନି ନଥିଲେ । ଛୋଟ ବଡ ସବୁ ପ୍ରତିଯୋଗିତାରେ ଭାଗ ନେଇ ଅଭିଜ୍ଞତା ଅର୍ଜନ କରି ଚାଲିଥିଲେ । ତ୍ରିପୁରା ଭଳି ଏକ ସୁଦୂର ଉତ୍ତର-ପୂର୍ବ ରାଜ୍ୟରୁ ଟ୍ରେନ ଯୋଗେ ଯାତ୍ରା କରି ଦିଲ୍ଲୀ କିମ୍ବା ଭାରତର ଅନ୍ୟ ବଡ ସହରରେ ପହଞ୍ଚିବା ମଧ୍ୟ ସହଜ କଥା ନୁହେଁ । ବେଳେ ବେଳେ ଟିକେଟ୍ ପାଇଁ ଅର୍ଥ ନଥାଇ ମଧ୍ୟ ଟ୍ରେନରେ ଯାତ୍ରା କରିବାକୁ ବାଧ୍ୟ ହେଉଥିଲେ ଅସ୍ମିତା । ଗୋଟିଏ ପରେ ଗୋଟିଏ ପ୍ରତିଯୋଗିତା ଜିତି ଚାଲିଥିଲେ । ଜାତୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ଜାରି ରହିଥିଲା ।

ରାଜ୍ୟଗୋଷ୍ଠୀ କ୍ରୀଡା ପାଇଁ ଯୋଗ୍ୟତା ଅର୍ଜନ କରିବାର କିଛି ଦିନ ପୂର୍ବରୁ ବାପାଙ୍କ ମୃତ୍ୟୁ ଖବର ତାଙ୍କ ନିକଟରେ ପହଞ୍ଚିଥିଲା । ବ୍ରେନ ଷ୍ଟ୍ରୋକରେ ବାପା ମୃତ୍ୟୁବରଣ କରିଥିଲେ । ପିଠି ଥାପୁଡାଇ ସର୍ବଦା ଉତ୍ସାହିତ କରୁଥିବା ବାପାଙ୍କ ହାତ ସବୁ ଦିନ ପାଇଁ ଦୂରେଇ ସାରିଥିଲା । ତଥାପି ଭାଙ୍ଗି ନଥିଲେ ଅସ୍ମିତା । ପ୍ରଶିକ୍ଷଣ ଅଧାରୁ ସେ ଗାଁକୁ ଫେରିଥିଲେ । ବାପାଙ୍କ ମୃତ କ୍ରିୟା କାର୍ଯ୍ୟ ଶେଷ କରି ସେ ପୁନର୍ବାର ପ୍ରଶିକ୍ଷଣ ଶିବିରକୁ ଫେରିଥିଲେ । ବାପାଙ୍କୁ ହରାଇବାର ଦୁଃଖ ଭୁଲି ପାରୁ ନଥିଲେ । ସବୁ ପ୍ରତିକୂଳ ପରିସ୍ଥିତିରେ ଛିଡା ହେଉଥିବା ବାପାଙ୍କୁ ସ୍ୱର୍ଣ୍ଣ ପଦକ ଉତ୍ସର୍ଗ କରିବାକୁ ମନସ୍ଥ କରିଥିଲେ ଅସ୍ମିତା । ପ୍ରଶିକ୍ଷଣରେ ଲାଗି ପଡିଥିଲେ । ରାଜ୍ୟଗୋଷ୍ଠୀ କ୍ରୀଡାକୁ ଯୋଗ୍ୟତା ଅର୍ଜନ କରିବା ପରେ ବାପାଙ୍କ ସହ ମିଶି ଦେଖିଥିବା ସ୍ୱପ୍ନକୁ ପୂରଣ କରିବା ପାଇଁ ସୁଯୋଗ ମିଳି ଯାଇଥିଲା । ଶୁକ୍ରବାର ଗ୍ଲାସଗୋରେ ସ୍ୱର୍ଣ୍ଣ ପଦକ ଜିତି ଅସ୍ମିତା ନିଜ ସଂଘର୍ଷ କାହାଣୀ କହିବା ସମୟରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କ ଆଖି ଲୁହରେ ଭରି ଯାଇଥିଲା । ପୋଡିୟମରେ ସୁନା ପଦକ ଝଲସୁଥିଲା । ପଛରେ ଉଡୁଥିଲା ଜାତୀୟ ପତାକା । ଜାତୀୟ ସଂଗୀତ ବାଜିବା ସମୟରେ ଅସ୍ମିତା ଉପରକୁ ଚାହିଁ କହିଥିଲେ, 'ମୋ ବାପା ଆଜି ଏହି ପଦକ ଦେଖିବା ପାଇଁ ପାଖରେ ନାହାନ୍ତି । ହେଲେ ଏହି ପଦକ କେବଳ ତାଙ୍କ ପାଇଁ ଉତ୍ସର୍ଗୀକୃତ । ତାଙ୍କ ଯୋଗୁଁ ମୁଁ ଆଜି ଏଠାରେ ପହଞ୍ଚି ପାରିଛି ।'

# ଡବ୍ଲୁଟିସି ଫାଇନାଲ : ଚାପରେ ଭାରତ

ନୂଆଦିଲ୍ଲୀ,୦୨/୦୮; ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍ ପୂର୍ବରୁ ବଡ଼ କଥା କହିଲେ ପୂର୍ବ କ୍ରିକେଟ । ସିରିଜ୍ ହେବ କି କୋଚ୍ ଗୌତମ ଗମ୍ଭୀରଙ୍କ ପାଇଁ ବଡ଼ ପରୀକ୍ଷା ଭାରତୀୟ କ୍ରିକେଟ ଦଳର ପୂର୍ବତନ ୱିକେଟକିପର ବ୍ୟାଟର ତଥା ଜଣାଶୁଣା କମେଣ୍ଟେଟର୍ ଦୀପ ଦାସଗୁପ୍ତା ଶ୍ରୀଲଙ୍କା ବିପକ୍ଷରେ ଆଗାମୀ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଭାରତୀୟ ବ୍ୟାଟିଂକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ , ସ୍ପିନ୍ ବୋଲରଙ୍କ ପାଇଁ ଅନୁକୂଳ ଶ୍ରୀଲଙ୍କା ପିଚ୍ ଭାରତୀୟ ବ୍ୟାଟିଂ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବ । ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ କାର୍ଯ୍ୟକାଳରେ ଭାରତ ନ୍ୟୁଜିଲ୍ୟାଣ୍ଡ, ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପରାଜୟର ସମ୍ମୁଖୀନ ହୋଇଛି । ଏହା ପ୍ରଶିକ୍ଷକ ଭାବରେ ଗମ୍ଭୀରଙ୍କ ଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି । ପୂର୍ବତନ ଭାରତୀୟ ଖେଳାଳି ଦୀପ ଦାସଗୁପ୍ତା କହିଛନ୍ତି ଯେ ' ଏହା ଗମ୍ଭୀରଙ୍କ ପାଇଁ ଏକ ବଡ଼ ପରୀକ୍ଷା । '

ଦୀପ ଦାସଗୁପ୍ତା କହିଛନ୍ତି ' ଆମେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତୀୟ ବ୍ୟାଟିଂ ଦେଖିଛୁ । ଏହାକୁ ଦେଖିବା ପରେ, ମୁଁ କହିବି ନାହିଁ ଯେ ଭୟ ଅଛି, କିନ୍ତୁ ଚିନ୍ତା ନିଶ୍ଚିନ୍ତ ଅଛି । ସେମାନେ ସେହି ପରିସ୍ଥିତିରେ କିପରି ଖେଳିପାରିବେ କାରଣ ସେଠାକାର ପିଚ୍ ସ୍ପିନରମାନଙ୍କ ପାଇଁ ଅନୁକୂଳ ହେବ । ଶ୍ରୀଲଙ୍କାର ଶକ୍ତି ହେଉଛି ସ୍ପିନ୍ ବୋଲିଂ । ଭାରତୀୟ ବ୍ୟାଟର ମାନେ ସେହି ପରିସ୍ଥିତିର କିପରି ମୁକାବିଲା କରିବେ ବ୍ୟାଟର କିପରି ଖେଳିବେ ମୋ ମତରେ, ଏହା ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବ । ମୁଁ ବୋଲିଂକୁ ନେଇ ଏତେ ଚିନ୍ତିତ ନୁହେଁ । ଆମର ସ୍ପିନ୍ ବିଭାଗରେ ୱାଶିଂଟନ୍ ସୁନ୍ଦର, ସାରାଂଶ ଜୈନ ଏବଂ କୁଲଦୀପ ଯାଦବ ଅଛନ୍ତି । ବ୍ୟାଟିଂ ଚିନ୍ତାର କାରଣ । ଆମେ ଦକ୍ଷିଣ ଆଫ୍ରିକା ଏବଂ ନ୍ୟୁଜିଲ୍ୟାଣ୍ଡ ସିରିଜକୁ ଦେଖିପାରିବା । ''

ସେ ଆହୁରି କହିଥିଲେ, 'ଯଦି ବୋଲିଂ କରିବା ପାଇଁ ଭଲ ପିଚ୍ ଅଛି, ତେବେ ଆପଣ ସ୍ୱୟଂଚାଳିତ ଭାବରେ ଭଲ ବୋଲର ପାଇପାରିବେ । ସାରାଂଶ ମଧ୍ୟ ଆସିଛନ୍ତି, ଯିଏ ଜଣେ ଭଲ ଅଫ୍-ସ୍ପିନର ଏବଂ ଜଣେ ଯିଏ ବହୁତ ଦିନ ଧରି ପ୍ରଥମ ଶ୍ରେଣୀ କ୍ରିକେଟ୍ ଖେଳୁଛନ୍ତି । ସେ ଭଲ ବ୍ୟାଟିଂ ମଧ୍ୟ କରିପାରିବେ । ପ୍ରକୃତରେ, ଏକ ଟେଷ୍ଟ ମ୍ୟାଚ୍‌ରେ, ତାଙ୍କୁ ଏହାର ଏତେ ଆବଶ୍ୟକତା ନ ହୋଇପାରେ । 'ପୂର୍ବତନ ୱିକେଟକିପର କହିଛନ୍ତି, 'ବିପକ୍ଷ ଦଳକୁ କେବେବି ହାଲୁକା ଭାବରେ ନିଆଯିବା ଉଚିତ୍ ନୁହେଁ । କୌଣସି ଟେଷ୍ଟ ସିରିଜ୍ ସହଜ ନୁହେଁ । ଭାରତୀୟ ଟେଷ୍ଟ ଦଳ ଏକ ପରିବର୍ତ୍ତନ ଦେଇ ଗତି କରୁଛି, ତେଣୁ ଯାହା ଘଟେ, କୌଣସି ଟେଷ୍ଟ ମ୍ୟାଚ୍ ସହଜ ନୁହେଁ । ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ରାଙ୍କିଙ୍ଗରେ ଭାରତର ସ୍ଥିତି ଭଲ ନାହିଁ । ଏହା ଉପରେ ଦୀପ ଦାସଗୁପ୍ତା କହିଛନ୍ତି, 'ମୁଁ ଭାବୁଛି ୯ଟି ଟେଷ୍ଟ ମ୍ୟାଚ୍ ବାକି ଅଛି । ଏଥିରେ ଅଷ୍ଟ୍ରେଲିଆ ବିପକ୍ଷରେ ୫ଟି, ଶ୍ରୀଲଙ୍କା ବିପକ୍ଷରେ ୨ଟି ଏବଂ ନ୍ୟୁଜିଲାଣ୍ଡ ବିପକ୍ଷରେ ୨ଟି ସାମିଲ ଅଛି । ଫାଇନାଲରେ ପ୍ରବେଶ ପାଇଁ ଭାରତକୁ ଅତି କମରେ ୭ଟି ମ୍ୟାଚ୍ ଜିତିବାକୁ ପଡିବ । ଏହା ଏକ କଷ୍ଟକର କାର୍ଯ୍ୟ । '

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ